# ଓଡ଼ିଶା ରାଜ୍ୟ ବଜେଟ୍

# ଶହେଟି ପ୍ରଶ୍ନର ଉତ୍ତର



**ପ୍ରକାଶକ:**
**ସିୱାଇଏସ୍‌ଡି-ଓବାକ୍**
ଓଡ଼ିଶା ବଜେଟ୍ ଏଣ୍ଡ୍ ଆକାଉଣ୍ଟେବିଲିଟି ସେଣ୍ଟର
ଭୁବନେଶ୍ୱର - ୧୩
ୱେବସାଇଟ: www.obac.in
ଇମେଲ୍: obac@cysd.org / cysdbbsr@sancharnet.in

**ସର୍ବସ୍ୱତ୍ୱ ସଂରକ୍ଷିତ: ସିୱାଇଏସ୍‌ଡି ୨୦୧୧**

**ପରିକଳ୍ପନା ଓ ସଂଯୋଜନା**
**ପ୍ରଭାସ ରଂଜନ ମିଶ୍ର**

**ସଂପାଦନା**
**ବିମଳ ପ୍ରସାଦ**

**ସଂକଳନ ମଣ୍ଡଳୀ**
ବସନ୍ତ କୁମାର ନାୟକ, ରୀତାରାଣୀ ଦାସ,
ସୁରେନ୍ଦ୍ର ସାହୁ, ନୀଳିମା ପ୍ରିୟଦର୍ଶିନୀ ମିଶ୍ର,
ପ୍ରକାଶ କୁମାର ବାରିକ, ପ୍ରଫୁଲ୍ଲ ରାଉତ, ଉପାଳୀ ମହାନ୍ତି

# ମୁଖବନ୍ଧ

ସମାଜ ବିକାଶ କ୍ଷେତ୍ରରେ କାର୍ଯ୍ୟରତ ସି.ୱାଇ.ଏସ୍.ଡି. ଗତ ତିନି ଦଶନ୍ଧି ମଧ୍ୟରେ ଲୋକଙ୍କୁ ସୂଚନା ଦେବା ତଥା ଲୋକଙ୍କ ସାମର୍ଥ୍ୟ ବିକାଶ କରାଇବା ଦିଗରେ ବିବିଧ କାର୍ଯ୍ୟ କରି ଅନେକ ଅନୁଭୂତି ହାସଲ କରିଛି । ତାହା ଗ୍ରାମାଞ୍ଚଳ ବିକାଶ, ସହରାଞ୍ଚଳ ବିକାଶ ଅଥବା ଆଦିବାସୀ ଗୋଷ୍ଠୀଙ୍କ ବିକାଶ ହେଉ, ସବୁ କ୍ଷେତ୍ରରେ ପ୍ରୟାସ କରି ବିଭିନ୍ନ ପ୍ରକାର ଅଭାବ ଅସୁବିଧା ଚିହ୍ନଟ କରିଛି ।

ଏତେ ବର୍ଷ ମଧ୍ୟରେ ଲୋକଙ୍କ ହାତକୁ କ୍ଷମତା ଆସିବା ଭଳି ଅନେକ ଆଇନ ପ୍ରଣୀତ ହୋଇ କାର୍ଯ୍ୟକାରୀ ହୋଇଛି । ତଥାପି ନାଗରିକମାନେ ଶାସନ ବ୍ୟବସ୍ଥାର ରୂପରେଖ ଦିଗରେ ଭଲ ଭାବରେ ଅବଗତ ନୁହନ୍ତି । ପଞ୍ଚାୟତିରାଜ ବ୍ୟବସ୍ଥା ଠାରୁ ସୂଚନା ଅଧିକାର ପର୍ଯ୍ୟନ୍ତ ଯେତେ ଯାହା କାର୍ଯ୍ୟକାରୀ ହେଲେ ବି ଏବେ ସୁଦ୍ଧା ଲୋକଙ୍କ ପାଖରେ ବା ନାଗରିକଙ୍କ ପାଖରେ ସରକାରଙ୍କ 'ବଜେଟ୍' ସଂକ୍ରାନ୍ତ ସବିଶେଷ ସୂଚନା ନାହିଁ । ଏପରିକି ବଜେଟ୍‌ରେ ସାମିଲ ହେଉଥିବା ଯୋଜନାଗୁଡ଼ିକ ମଧ୍ୟ ଲୋକକୈନ୍ଦ୍ରିକ ନୁହେଁ । ଯଦିଓ ସି.ୱାଇ.ଏସ୍.ଡି. ଭଳି ଶତାଧିକ ସଂଗଠନ, ଲୋକକୈନ୍ଦ୍ରିକ ଯୋଜନା ଉପରେ ଅନେକ କାର୍ଯ୍ୟ କରି ଆସିଛନ୍ତି । କିନ୍ତୁ ପ୍ରାଶାସନିକ ତଥା ଶାସକୀୟ ସମର୍ଥନ ଅଭାବରୁ ଲୋକଙ୍କ ଦ୍ୱାରା ଲୋକଙ୍କ ଆବଶ୍ୟକତା ଭିତ୍ତିରେ ହୋଇଥିବା ଯୋଜନା ପ୍ରସ୍ତୁତି ପ୍ରକ୍ରିୟା ପ୍ରଭାବଶାଳୀ ହୋଇନାହିଁ ।

ଏକ ଗଣତନ୍ତ୍ରିକ ଦେଶରେ ହେଉଥିବା ବାର୍ଷିକ ଆୟବ୍ୟୟ ଅଟକଳ ବା ବଜେଟ୍‌କୁ ନାଗରିକମାନେ ଜାଣିବା ଓ ବୁଝିବା ଆବଶ୍ୟକ । ଏଥିରେ କିଭଳି ନାଗରିକଙ୍କ ଆବଶ୍ୟକତା ତଥା ଚାହିଦା ସାମିଲ ହୋଇପାରିବ, ସେଥିପାଇଁ ନାଗରିକମହଲ ଚାପ ପକାଇବା ଦରକାର । କାରଣ ଅମଲାତନ୍ତ୍ର ହାତରେ ହିଁ ଗଣତନ୍ତ୍ରର ଏହି ବଜେଟ୍ ବ୍ୟବସ୍ଥାଟି ଆଜି ସୁଦ୍ଧା ଚାଲିଆସିଛି ।

ଏଣୁ ରାଜ୍ୟ ବଜେଟ୍ ଆସିବା ପୂର୍ବରୁ ଓ ପରେ ନାଗରିକମାନେ ଗଭୀର ଓ ଗମ୍ଭୀର ଭାବେ ଏହାକୁ ବିଶ୍ଳେଷଣ କରି ଚିନ୍ତା କରିବେ ଏବଂ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଉପରେ ଚାପ ପକାଇବେ। ଏହି ଉଦ୍ଦେଶ୍ୟରେ ୨୦୦୩ ମସିହା ଠାରୁ ସି.ଓ୍ୱାଇ.ଏସ୍.ଡି. ଏ ଦିଗରେ ପ୍ରୟାସ ଜାରି ରଖିଛି। ଲକ୍ଷ୍ୟ ରହିଛି - ପ୍ରତ୍ୟେକ ଶିକ୍ଷିତ ନାଗରିକ ଯେପରି ବଜେଟ୍ ପ୍ରକ୍ରିୟାରେ ଭାଗ ନେବା ପାଇଁ ସମର୍ଥ ହୋଇପାରିବେ। ଏଣୁ ନାଗରିକମାନଙ୍କୁ ଏହା ଉପରେ ଅବଗତ କରିବାକୁ ସରଳ ଓ ବୁଝିଲା ଭଳି ଭାଷାରେ "ଓଡ଼ିଶା ରାଜ୍ୟ ବଜେଟ୍: ଶହେଟି ପ୍ରଶ୍ନର ଉତ୍ତର" ଶୀର୍ଷକ ଏହି ପୁସ୍ତିକାଟି ପ୍ରକାଶ ପାଇଛି।

ବଜେଟ୍ ବିଶ୍ଳେଷଣ ଉପରେ ଆୟୋଜିତ ବିଭିନ୍ନ ସଭାସମିତି ଓ କର୍ମଶାଳାରେ ପ୍ରତିଭାଗୀମାନେ ଉଠାଇଥିବା ପ୍ରଶ୍ନଗୁଡ଼ିକୁ ମୁଖ୍ୟତଃ ଏହି ସଂସ୍କରଣରେ ସାମିଲ କରାଯାଇଛି। ପାଠକମାନଙ୍କ ମତାମତ ଅନୁଯାୟୀ ପରବର୍ତ୍ତୀ ସଂସ୍କରଣକୁ ଅଧିକ ଉପାଦେୟ କରାଯାଇପାରିବ। ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଚିନ୍ତିତ ପ୍ରତ୍ୟେକ ବ୍ୟକ୍ତି ଯିଏ ଯେଉଁ କ୍ଷେତ୍ରରେ ଥାଆନ୍ତୁ ନା କାହିଁକି, ଏହି ପୁସ୍ତିକାର ଜ୍ଞାନକୁ ବାଣ୍ଟି ପାରିଲେ ଶ୍ରମ ସାର୍ଥକ ହେବ।

**ପ୍ରଶ୍ନ ୧ ବଜେଟ୍ କ'ଣ ?**

**ଉତ୍ତର:** ଯୋଜନାବଦ୍ଧ ବ୍ୟୟ ଓ ରାଜସ୍ୱର ତାଲିକା ତଥା ପ୍ରସ୍ତାବିତ ଆୟବ୍ୟୟର ଆର୍ଥିକ ଆକଳନକୁ 'ବଜେଟ୍' କୁହାଯାଏ ।

**ପ୍ରଶ୍ନ ୨ ବଜେଟ୍ ଶବ୍ଦର ଅର୍ଥ କ'ଣ ?**

**ଉତ୍ତର:** ଫ୍ରେଞ୍ଚ୍ ଶବ୍ଦ 'ବୁଗେଟ୍'ରୁ ବଜେଟ୍ ଶବ୍ଦର ଉତ୍ପତ୍ତି ହୋଇଛି । ଯାହାର ଅର୍ଥ ପର୍ସ ବା ମୁଣି । ଇଂଲିଶ୍ ଶବ୍ଦ 'ବଜେଟ୍' ଅର୍ଥ ହେଉଛି- ଯୋଜନାବଦ୍ଧ ବ୍ୟୟ ଓ ରାଜସ୍ୱର ତାଲିକା ।

**ପ୍ରଶ୍ନ ୩ ବଜେଟ୍ କିଏ କାହାପାଇଁ କରନ୍ତି ?**

**ଉତ୍ତର:** ଜଣେ ବ୍ୟକ୍ତି, ଗୋଟିଏ ପରିବାର, ଗୋଟିଏ କମ୍ପାନୀ, ଗୋଟିଏ ସଂଗଠନ ଓ ସରକାର ନିଜ ପାଇଁ ବଜେଟ୍ କରିଥାନ୍ତି । କିନ୍ତୁ ସରକାରୀ ବଜେଟ୍ ହେଉଛି ସର୍ବସାଧାରଣଙ୍କ ପାଇଁ । ଏଠାରେ ସର୍ବସାଧାରଣଙ୍କ ବଜେଟ୍ ଉପରେ ହିଁ ଗୁରୁତ୍ୱ ଦିଆଯାଉଛି ।

**ପ୍ରଶ୍ନ ୪ ସାଧାରଣ ଲୋକେ କେଉଁ ବଜେଟ୍ ବିଷୟରେ ନିଶ୍ଚୟ ଜାଣିବା ଦରକାର ?**

**ଉତ୍ତର:** ଆମ ଦେଶ ଏକ ଗଣତନ୍ତ୍ରିକ ରାଷ୍ଟ୍ର ହୋଇଥିବାରୁ ସରକାରୀ ବଜେଟ୍ ବିଷୟରେ ଜାଣିବାର ଅଧିକାର ସମସ୍ତଙ୍କର ରହିଛି । କାରଣ ସେହି ବଜେଟ୍ ଦ୍ୱାରା ହିଁ ଆମ ସମାଜ, ଅର୍ଥନୀତି ଓ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥାଏ । ଅନ୍ୟ ପକ୍ଷରେ ଜନସାଧାରଣ ଦେଉଥିବା ଟିକସରେ ରାଜ୍ୟ ଓ ରାଷ୍ଟ୍ରର ଶାସନ-ପ୍ରଶାସନ ଚାଲେ । ଏଣୁ ବଜେଟ୍ ବିଷୟରେ ଟିକିନିଖି ଜାଣିବାର ଆବଶ୍ୟକତା ରହିଛି । ସମସ୍ତଙ୍କର ଜାଣିବାର ଅଧିକାର ମଧ୍ୟ ରହିଛି ।

**ପ୍ରଶ୍ନ ୫ ସରକାରୀ ବଜେଟ୍ କ'ଣ ?**

**ଉତ୍ତର:** କେନ୍ଦ୍ର ସରକାର ବା ରାଜ୍ୟ ସରକାର ପ୍ରତି ଆର୍ଥିକବର୍ଷ ପାଇଁ ପ୍ରସ୍ତୁତ କରୁଥିବା ଆୟବ୍ୟୟ ତାଲିକାକୁ ସରକାରୀ ବଜେଟ କୁହାଯାଏ । ଏଠାରେ କେବଳ ଓଡ଼ିଶା ସରକାରଙ୍କ ବଜେଟ୍ ବିଷୟରେ କୁହାଯାଉଛି ।

**ପ୍ରଶ୍ନ ୬ ଆର୍ଥିକ ବର୍ଷ କ'ଣ ?**

**ଉତ୍ତର:** ପ୍ରତି ମସିହାର ଏପ୍ରିଲ୍ ୧ ତାରିଖ ଠାରୁ ପରବର୍ତ୍ତୀ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯନ୍ତ ଗୋଟିଏ 'ଆର୍ଥିକ ବର୍ଷ' ରୂପେ ଆମ ଦେଶରେ ଗ୍ରହଣ କରାଯାଇଛି । ଆର୍ଥିକ ବର୍ଷକୁ ବଜେଟ୍ ବର୍ଷ ମଧ୍ୟ କୁହାଯାଏ । ଆର୍ଥିକ ବର୍ଷ ଦୁଇଟି କ୍ୟାଲେଣ୍ଡର ବର୍ଷ (ମସିହା)କୁ ବ୍ୟାପିଥିବାରୁ ପ୍ରତି ଆର୍ଥିକ ବର୍ଷକୁ ଲେଖିବା ବେଳେ ଦୁଇଟି ମସିହାକୁ ହାଇଫେନ୍ ଦେଇ ଲେଖାଯାଏ । ଉଦାହରଣ- ଆର୍ଥିକବର୍ଷ ୨୦୧୦-୧୧, ୨୦୧୧-୧୨ ଇତ୍ୟାଦି । ଆର୍ଥିକ ବର୍ଷକୁ କ୍ୟାଲେଣ୍ଡର ବର୍ଷ ସହ ସମାନ ନକରି ଦୁଇଟି ବର୍ଷକୁ ବ୍ୟାପି ରହିବାର ପରମ୍ପରା ୧୮୬୭ ମସିହାରୁ ଜାରି ରହିଛି ।

**ପ୍ରଶ୍ନ ୭ ରାଜ୍ୟ ଓ କେନ୍ଦ୍ର ସରକାରମାନେ ବଜେଟ୍ ପ୍ରସ୍ତୁତ କରିବା କ'ଣ ନିହାତି ଦରକାର ?**

**ଉତ୍ତର:** ହଁ ନିହାତି ଦରକାର । କାରଣ ଆମ ଦେଶର ସମ୍ବିଧାନର ଧାରା ୨୦୨(୧) ଅନୁସାରେ ପ୍ରତି ଆର୍ଥିକ ବର୍ଷ ପାଇଁ ଆୟବ୍ୟୟର ଏକ ବାର୍ଷିକ ଆର୍ଥିକ-ବିବୃତିନାମା ସଂସଦ ବା ବିଧାନସଭାରେ ଉପସ୍ଥାପିତ ହେବ । ସେହି ଆୟବ୍ୟୟର ବିବୃତିନାମା ହିଁ 'ବଜେଟ୍' ଶବ୍ଦରେ ବେଶ୍ ପରିଚିତ ।

**ପ୍ରଶ୍ନ ୮ ବାର୍ଷିକ ଆର୍ଥିକ ବିବୃତିନାମା ବା ବଜେଟ୍ କେବେ ଉପସ୍ଥାପିତ ହୁଏ ?**

**ଉତ୍ତର:** କେନ୍ଦ୍ର ସରକାର ପ୍ରତିବର୍ଷ ଫେବୃଆରି ମାସର ଶେଷ କାର୍ଯ୍ୟ ଦିବସରେ ବଜେଟ୍ ଉପସ୍ଥାପନ କରିଥାଆନ୍ତି । କିନ୍ତୁ ରାଜ୍ୟ ସରକାରମାନଙ୍କ ପାଇଁ ଏପରି କୌଣସି ଧାର୍ଯ୍ୟ ତାରିଖ ନାହିଁ । ତେବେ ଓଡ଼ିଶା ସରକାର ସାଧାରଣତଃ ଫେବୃଆରି ଶେଷ ସପ୍ତାହରେ ଅଥବା ମାର୍ଚ୍ଚ ପ୍ରଥମ ସପ୍ତାହରେ ବିଧାନସଭାରେ ବଜେଟ୍ ଆଗତ କରିଥାଆନ୍ତି ।

**ପ୍ରଶ୍ନ ୯** ଓଡ଼ିଶା ରାଜ୍ୟ ବଜେଟ୍ ଉପସ୍ଥାପନ କେବେ ଓ କେଉଁଠାରେ କରାଯାଇଥାଏ ?

**ଉତ୍ତର:** ବଜେଟ୍ ଉପସ୍ଥାପନ ଫେବ୍ରୁଆରି ମାସ ତୃତୀୟ ସପ୍ତାହରେ ବିଧାନସଭାରେ କରାଯାଇଥାଏ ।

**ପ୍ରଶ୍ନ ୧୦** ବଜେଟ୍‌କୁ ବିଧାନସଭାରେ କିଏ ଓ କିଭଳି ଆଗତ କରନ୍ତି ?

**ଉତ୍ତର:** ସାଧାରଣତଃ ବିତ୍ତ ମନ୍ତ୍ରୀ ବିଧାନସଭା ଅଧିବେଶନରେ ବଜେଟ୍ ଆଗତ ବା ଉପସ୍ଥାପନ କରିଥାଆନ୍ତି । କେବେ କେବେ ମୁଖ୍ୟମନ୍ତ୍ରୀ ବଜେଟ୍ ଆଗତ କରିଥାଆନ୍ତି । ବିଧାନସଭାରେ ଉପସ୍ଥିତ ପ୍ରତିନିଧିମାନଙ୍କର ଅନୁମୋଦନ ହାସଲ ପାଇଁ ବଜେଟ୍ ଆଗତ ହୋଇଥାଏ । ଏଥିପାଇଁ ବଜେଟ୍ ଅଭିଭାଷଣରେ ସଂପୃକ୍ତ ମନ୍ତ୍ରୀ ସେହି ବଜେଟ୍‌ର ଏକ ସଂକ୍ଷିପ୍ତ ନିର୍ଯାସକୁ ଶୁଣାଇଥାଆନ୍ତି ।

**ପ୍ରଶ୍ନ ୧୧** ବିଧାନସଭାରେ ବଜେଟ୍ ଆଗତ କରିବା ବେଳେ ସଂପୃକ୍ତ ମନ୍ତ୍ରୀ ବଜେଟ୍ ସମ୍ବନ୍ଧୀୟ କିଛି ପୁସ୍ତିକା ବା କାଗଜପତ୍ର ଉପସ୍ଥାପନ କରିଥାଆନ୍ତି କି ?

**ଉତ୍ତର:** ହଁ । ସେଗୁଡ଼ିକ ହେଉଛି ବଜେଟ୍ ଅଭିଭାଷଣ ପୁସ୍ତିକା । ଯାହାକି ଉଭୟ ଇଂଲିଶ୍ ଓ ଓଡ଼ିଆ ଭାଷାରେ ଉପଲବ୍ଧ ହୋଇଥାଏ । ବଜେଟ୍ ଉପସ୍ଥାପନ କରୁଥିବା ମନ୍ତ୍ରୀ ସେହି ଅଭିଭାଷଣ ପୁସ୍ତିକାକୁ ପଢ଼ିସାରିଲା ପରେ ତାହାକୁ ବିଧାନସଭାର ସଦସ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ । ଏହା ବ୍ୟତୀତ ଅନ୍ୟପୁସ୍ତିକାଗୁଡ଼ିକ ହେଉଛି:- ସଂକ୍ଷେପରେ ବଜେଟ୍(ବଜେଟ୍ ଆଟ୍ ଏ ଗ୍ଲାନ୍ସ), ଅନୁଦାନ ଦାବି (ଡିମାଣ୍ଡ ଫର ଗ୍ରାଣ୍ଟସ), ରାଜସ୍ୱ ପ୍ରାପ୍ତି (ରେଭିନ୍ୟୁ ରିସିପ୍ଟସ), ବ୍ୟାଖ୍ୟାତ୍ମକ ବିବୃତି(ଏକ୍ସପ୍ଲାନେଟୋରି ମେମୋରାଣ୍ଡମ୍), ବାର୍ଷିକ ବିତ୍ତୀୟ ବିବୃତି(ଆନୁଆଲ ଫିନାନ୍ସିଆଲ ଷ୍ଟେଟ୍‌ମେଣ୍ଟ), ଆର୍ଥିକ ଦାୟିତ୍ୱବୋଧ ଓ ବଜେଟ୍ ପରିଚାଳନା(ଫିସ୍କାଲ ରେସ୍‌ପନ୍‌ସିବିଲିଟି ଏଣ୍ଡ୍ ବଜେଟ୍ ମ୍ୟାନେଜମେଣ୍ଟ) । ଏହା ସମେତ

ରାଜ୍ୟ ସରକାରଙ୍କ ୩୮ ଟି ବିଭାଗର ସବିଶେଷ 'ଅନୁଦାନ ଦାବି' ପୁସ୍ତିକା ବଣ୍ଟାଯାଏ। ଯାହା ଦୁଇଟି ଭାଗରେ ବିଭକ୍ତ ହୋଇଥାଏ। ପ୍ରଥମ ପୁସ୍ତିକାରେ ଥାଏ ଅଣଯୋଜନା ଅନୁଦାନ ଦାବି ଏବଂ ଦ୍ୱିତୀୟ ଭାଗରେ ଥାଏ ଯୋଜନା ଅନୁଦାନ ଦାବି। ଏହି ସମସ୍ତ ପୁସ୍ତିକାର ନକଲ ସର୍ବସାଧାରଣ ଦାବି କଲେ ମଧ୍ୟ ହାସଲ କରିପାରିବେ।

**ପ୍ରଶ୍ନ ୧୨ ବିଧାନସଭାରେ ବଜେଟ୍ ଉପରେ ଆଲୋଚନା କେବେ ହୁଏ ?**

**ଉତ୍ତର:** ବଜେଟ୍ ଉପସ୍ଥାପନର ପରବର୍ତ୍ତୀ ଦିନ ଠାରୁ ଦୁଇ ଦିନ ଧରି ବିଧାନସଭାରେ ସାଧାରଣ ଆଲୋଚନା ହୋଇଥାଏ। ମୁଖ୍ୟତଃ ବଜେଟ୍ ଉପସ୍ଥାପନ ବେଳେ ଅର୍ଥ ମନ୍ତ୍ରୀ ଦେଇଥିବା ଅଭିଭାଷଣ ଉପରେ ଆଲୋଚନା ହୁଏ। ପୁଣି ଦୁଇ ସପ୍ତାହ ପରେ ବିଶଦ ଭାବରେ ବିଭିନ୍ନ ବିଭାଗୀୟ ଖର୍ଚ୍ଚ ଦାବି ଉପରେ ଆଲୋଚନା ହୁଏ। ବଜେଟ୍ ଉପସ୍ଥାପନ ପରେ ଦୁଇ ସପ୍ତାହ ଦିଆଯାଇଥାଏ, ବିଭାଗୀୟ ଷ୍ଟାଣ୍ଡିଙ୍ଗ୍ କମିଟିମାନେ ଅନୁଧ୍ୟାନ କରିଥାଆନ୍ତି।

**ପ୍ରଶ୍ନ ୧୩ ବିଧାନସଭାରେ ଆଲୋଚନା ବେଳେ ବଜେଟ୍ ସଂକ୍ରାନ୍ତ ପ୍ରଶ୍ନର ଉତ୍ତର କିଏ ଦିଅନ୍ତି ?**

**ଉତ୍ତର:** ବଜେଟ ସଂକ୍ରାନ୍ତ ସମସ୍ତ ପ୍ରଶ୍ନର ଉତ୍ତର ଅର୍ଥ ମନ୍ତ୍ରୀ ଦେଇଥାଆନ୍ତି। ତେବେ ପ୍ରଶ୍ନ କୌଣସି ନିର୍ଦ୍ଦିଷ୍ଟ ବିଭାଗ ଉପରେ କରାଯାଇଥିଲେ, ବିଭାଗୀୟ ମନ୍ତ୍ରୀ ସେହି ପ୍ରଶ୍ନର ଉତ୍ତର ଦେଇଥାଆନ୍ତି।

**ପ୍ରଶ୍ନ ୧୪ ରାଜ୍ୟ ବଜେଟ୍ ପ୍ରସ୍ତୁତିରେ ମୁଖ୍ୟମନ୍ତ୍ରୀଙ୍କର କିଛି ଭୂମିକା ଅଛି କି ?**

**ଉତ୍ତର:** ବଜେଟ ପ୍ରସ୍ତୁତିରେ ମୁଖ୍ୟମନ୍ତ୍ରୀଙ୍କର ପ୍ରତ୍ୟକ୍ଷ ଭୂମିକା ନାହିଁ। ତେବେ ବିଭାଗୀୟ ଅନୁଦାନ ଦାବିଗୁଡ଼ିକ ପ୍ରଥମେ ରାଜ୍ୟ କ୍ୟାବିନେଟରେ ଅନୁମୋଦିତ ହେଉଥିବାରୁ ଏବଂ ରାଜ୍ୟ କ୍ୟାବିନେଟ୍‌ର ମୁଖ୍ୟ ନିଜେ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ତାଙ୍କର ସଂପୃକ୍ତି ରହିଛି ବୋଲି କୁହାଯାଇପାରେ।

**ପ୍ରଶ୍ନ ୧୫ ବିଧାନସଭାରେ ବଜେଟ୍ ଅନୁମୋଦନ ହୋଇଯିବା ପରେ ସରକାର ବ୍ୟୟ କରିପାରିବେ କି ?**

ଉତ୍ତର: ନାହିଁ। ବଜେଟ୍‌ରେ ଯେଉଁ ବ୍ୟୟର ତାଲିକା ଥାଏ, ତାହା ଉପରେ ସବିଶେଷ ଲେଖା ଥିବା ଏକ ବିଲ୍(ବିଧେୟକ) ବିଧାନସଭାରେ ଆଗତ ହୋଇଥାଏ। ତାହାକୁ "ବ୍ୟୟ ମଂଜୁରୀ ବିଲ୍" କହନ୍ତି। ସେହି ବିଲ୍ ଅନୁମୋଦନ ଲାଭ କରିବା ପରେ ସରକାରୀ ଭାବେ ସଂପୃକ୍ତ ବାବଦଗୁଡ଼ିକରେ ବ୍ୟୟ କରାଯାଇପାରିଥାଏ।

**ପ୍ରଶ୍ନ ୧୬ ସରକାରୀ ବଜେଟ୍ ମାନେ କ'ଣ କେବଳ ଆୟବ୍ୟୟର ତାଲିକା ?**

ଉତ୍ତର: 'ବଜେଟ୍'ର ପରିଭାଷା ଅନୁସାରେ ଏହା ଆୟ ଓ ବ୍ୟୟର ତାଲିକା। କିନ୍ତୁ ସରକାରଙ୍କ ବଜେଟ୍ ତାହାଠୁ କିଛିଟା ବେଶି। ସରକାରୀ ବଜେଟ୍‌ରେ କିଛି ନୀତି ମଧ୍ୟ ସାମିଲ ଥାଏ। ନୂଆ ନୀତି ବା ପରିବର୍ତ୍ତିତ ନୀତି ଭିତ୍ତିରେ ବଜେଟ୍‌ର ବିଭିନ୍ନ ବାବଦ ଧାର୍ଯ୍ୟ ହୋଇଥାଏ। ତେବେ ରାଜ୍ୟ ବଜେଟ୍‌ରେ ମୁଖ୍ୟତଃ ସରକାରଙ୍କ ପ୍ରତିଶ୍ରୁତି ଓ ଅଙ୍ଗୀକାରବଦ୍ଧତା ସାମିଲ ଥାଏ।

**ପ୍ରଶ୍ନ ୧୭ ଘରୋଇ ବଜେଟ୍ ପରି ସରକାରୀ ବଜେଟ୍‌ରେ କିଛି ସଞ୍ଚୟ ସାମିଲ ଥାଏ କି ?**

ଉତ୍ତର: ସରକାରୀ ବଜେଟ୍ ମୋଟାମୋଟି ଭାବରେ ଏକ ଆକଳନ। ଏଣୁ ଆର୍ଥିକ ବର୍ଷ ଶେଷରେ ଆୟ-ବ୍ୟୟ ମଧ୍ୟରେ ଆୟ ଅଧିକ ଥିଲେ ତାହା ଆକାଉଣ୍ଟସ୍ ପାଠ ଅନୁସାରେ ପରବର୍ତ୍ତୀ ଆର୍ଥିକ ବର୍ଷରେ ଓପନିଂ ବାଲାନ୍ସ ରୂପେ ପ୍ରଦର୍ଶିତ ହୋଇଥାଏ। ସରକାରୀ ବଜେଟ୍‌ରେ କୌଣସି ସଞ୍ଚୟ ସାମିଲ ନଥାଏ। ତଥାପି ଯେଉଁ ପୁଞ୍ଜି ସୃଷ୍ଟିକାରୀ ସମ୍ପତ୍ତି କରାଯାଏ, ତାହାକୁ ଏକ ପ୍ରକାର ସଞ୍ଚୟ ରୂପେ ବିଚାର କରାଯାଏ।

**ପ୍ରଶ୍ନ ୧୮ ବଜେଟ୍‌ରେ 'ବାବଦ' କ'ଣ ?**

ଉତ୍ତର: ସରକାରୀ ଇଂଲିଶ୍ ଭାଷାରେ 'ବାବଦ'କୁ 'ହେଡ୍' କହନ୍ତି। ରାଜସ୍ୱ ଯେଉଁ ସୂତ୍ରରୁ ଆସେ ବା ଯେଉଁଥି ପାଇଁ ବ୍ୟୟ ହେବାର ଧାର୍ଯ୍ୟ ହୋଇଥାଏ, ତାହା ଗୋଟିଏ ଗୋଟିଏ 'ବାବଦ'।

**ପ୍ରଶ୍ନ ୧୯** ବଜେଟ୍‌ରେ ଥିବା 'ବାବଦ' ଗୁଡ଼ିକୁ ମନେ ରଖିବାକୁ ତ କିଛି ବ୍ୟବସ୍ଥା ଥିବ ?

**ଉତ୍ତର:** ହଁ ଅଛି। ତାହାକୁ କୋଡ୍ କହନ୍ତି। ଏବେର କମ୍ପ୍ୟୁଟର ଯୁଗରେ ସେଗୁଡ଼ିକର ପ୍ରୟୋଗ ଦ୍ୱାରା ସୁବିଧା ହୁଏ। 'କୋଡ୍' ଏକ ଇଂଲିଶ୍ ଶବ୍ଦ। ଏହାର ଅର୍ଥ 'ସାଂକେତିକ ସଂଖ୍ୟା'। ପ୍ରତ୍ୟେକ ବାବଦ ଓ ଉପ-ବାବଦ ପାଇଁ ଏଭଳି କୋଡ୍ ରହିଛି। ୧୯୮୭ ମସିହା ଏପ୍ରିଲ ୧ ତାରିଖରୁ କମ୍ପ୍ୟୁଟର ଭିତ୍ତିକ କୋଡ଼ିଂ ପ୍ରଚଳିତ ହେଉଛି।

**ପ୍ରଶ୍ନ ୨୦** ବଜେଟ୍‌ର ବିଭିନ୍ନ ବାବଦ ଏବଂ ଏଥିପାଇଁ ହୋଇଥିବା କୋଡ଼ିଂର କିଛି ଉଦାହରଣ କହିବେ କି ?

**ଉତ୍ତର:** ଆୟ ବ୍ୟୟର ବାବଦଗୁଡ଼ିକୁ ବର୍ଗୀକରଣ କରାଯାଇଛି। ସରକାରଙ୍କ ବିଭିନ୍ନ କାର୍ଯ୍ୟାବଳୀ ଭିତ୍ତିରେ ବାବଦଗୁଡ଼ିକ ଧାର୍ଯ୍ୟ କରାଯାଇଛି, ଯେମିତିକି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି। ମୁଖ୍ୟ ବାବଦ(ମେଜର ହେଡ୍) ପାଇଁ ୪ ଅଙ୍କ ବିଶିଷ୍ଟ ଆରବ୍ୟ ସଂଖ୍ୟା ରହିଛି; ଉଦାହରଣ, ସାଧାରଣ ଶିକ୍ଷା ପାଇଁ ୨୨୦୨। ମୁଖ୍ୟ ବାବଦ ତଳେ ରହିଛି ଉପମୁଖ୍ୟ ବାବଦ(ସବ୍-ମେଜର ହେଡ୍), ଏହାକୁ ଦୁଇ ଅଙ୍କ ବିଶିଷ୍ଟ କୋଡ୍‌ରେ ପ୍ରକାଶ କରାଯାଏ। ଯେପରିକି ସାଧାରଣ ଶିକ୍ଷା ତଳେ ଏଲିମେଣ୍ଟାରି ଶିକ୍ଷା ପାଇଁ ୦୧। ଏହା ତଳକୁ ରହିଛି କ୍ଷୁଦ୍ର ବାବଦ(ମାଇନର ହେଡ୍), ଯାହା ତିନିଅଙ୍କ ବିଶିଷ୍ଟ କୋଡ଼ରେ ପ୍ରକାଶିତ ହୋଇଥାଏ। ଉଦାହରଣ- ୦୦୧ ରହିଛି 'ନିର୍ଦ୍ଦେଶନା ଓ ପ୍ରଶାସନ' ଉଦ୍ଦେଶ୍ୟ ପାଇଁ। ଉପବାବଦ(ସବ୍-ହେଡ୍) ହେଉଛି ବିଭିନ୍ନ କାର୍ଯ୍ୟକ୍ରମ ତଳେ ରହିଥିବା ସ୍କିମ୍‌ଗୁଡ଼ିକୁ ସୂଚାଇଥାଏ, ଯାହାକି କ୍ଷୁଦ୍ରବାବଦ ତଳେ ରହିଥାଏ ଏବଂ ୪ ଅଙ୍କ ବିଶିଷ୍ଟ ସଂଖ୍ୟାରେ ପ୍ରକାଶ ପାଏ। ଉଦାହରଣ- ୦୬୧୮ ମୁଖ୍ୟାଳୟ ସଂଗଠନ(ହେଡ୍‌କ୍ୱାଟର୍ସ ଅର୍ଗାନାଇଜେସନ)।

ସବିଶେଷ ବାବଦ(ଡିଟେଲ୍ଡ୍ ହେଡ୍)- ଏହା ମୁଖ୍ୟତଃ ରକମୱାରୀ ବ୍ୟୟ ନିୟନ୍ତ୍ରଣ ପାଇଁ ରହିଥାଏ ଏବଂ ଏଥିରେ ବ୍ୟୟର ଢଙ୍ଗ ଲେଖାଥାଏ। ଉଦାହରଣ- ୦୧୦୦୩ ହେଉଛି "ଦରମା ଦେବାର ବ୍ୟୟ"।

ଲକ୍ଷ୍ୟ ବାବଦ(ଅବ୍‌ଜେକ୍ଟ ହେଡ୍)- ସାମଗ୍ରିକ ବ୍ୟୟ ବ୍ୟବସ୍ଥାର ଗୋଟିଏ ଏକକ। ଯାହାକି ତିନି ଅଙ୍କ ବିଶିଷ୍ଟ କୋଡ୍‌କୁ ବୁଝାଇଥାଏ। ଯେପରିକି ୧୩୬ ହେଉଛି ଦରମା।

**ପ୍ରଶ୍ନ ୨୧ ବଜେଟ୍‌କୁ ଆୟବ୍ୟୟର ଏକ ତାଲିକା ବୋଲି କହୁଛନ୍ତି। ତେବେ ଏଥିରେ କ'ଣ ଆୟ ଓ ବ୍ୟୟ ପରିମାଣ ସମାନ ଥାଏ ?**

**ଉତ୍ତର:** ନା, ସବୁ ବଜେଟ୍‌ରେ ଆୟବ୍ୟୟ ଆକଳନ ସମାନ ନଥାଏ। ଯଦି ସମାନ ହେଉଥାଏ, ତେବେ ତାହାକୁ "ସମତୁଲ ବଜେଟ୍" କୁହାଯାଏ। ବ୍ୟୟ ଅପେକ୍ଷା ଆୟ ପରିମାଣ ଅଧିକ ହେଉଥିଲେ "ବଳକା ବଜେଟ୍" ଏବଂ ବ୍ୟୟଭାର ଅଧିକ ହେଉଥିଲେ "ନିଅଣ୍ଟିଆ ବଜେଟ୍" କୁହାଯାଏ।

**ପ୍ରଶ୍ନ ୨୨ ଉପର ବର୍ଣ୍ଣିତ ତିନି ପ୍ରକାର ବଜେଟ୍‌ରୁ ଓଡ଼ିଶା ରାଜ୍ୟ ବଜେଟ୍ ସାଧାରଣତଃ କେଉଁ ପ୍ରକାରର ?**

**ଉତ୍ତର:** ଓଡ଼ିଶା ରାଜ୍ୟ ବଜେଟ୍ ଅଧିକାଂଶ ବର୍ଷ ସାଧାରଣତଃ ନିଅଣ୍ଟିଆ ବଜେଟ୍ ରୂପେ ଉପସ୍ଥାପିତ ହୋଇଥାଏ।

**ପ୍ରଶ୍ନ ୨୩ ନିଅଣ୍ଟିଆ ବଜେଟ୍‌ରେ କେତେ ପରିମାଣର ଟଙ୍କା ନିଅଣ୍ଟ ପଡ଼େ ଏବଂ ନିଅଣ୍ଟ ଭରଣା ପାଇଁ ସରକାର ଟଙ୍କା କେଉଁଠୁ କିଭଳି ଆଣନ୍ତି ?**

**ଉତ୍ତର:** ଓଡ଼ିଶା ରାଜ୍ୟ ବଜେଟ୍‌ରେ ନିଅଣ୍ଟ ପରିମାଣ ସାଧାରଣ ଭାବରେ ଶହ କୋଟି ବା ହଜାର କୋଟି ପର୍ଯ୍ୟନ୍ତ ପହଞ୍ଚିଥାଏ। ଓଡ଼ିଶା ସରକାର ବଜେଟ୍‌ର ନିଅଣ୍ଟ ଭରଣା ପାଇଁ ରିଜର୍ଭ ବ୍ୟାଙ୍କ୍ ଜରିଆରେ ନାବାର୍ଡ୍, ବିଶ୍ୱବ୍ୟାଙ୍କ୍, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଓ କେନ୍ଦ୍ର ସରକାରଙ୍କ ଠାରୁ ଋଣ କରନ୍ତି। ଏହା ସହ ଅଚଳ ହୋଇପଡ଼ିଥିବା ବା କ୍ଷତିରେ ଚାଲୁଥିବାର ରିପୋଟ ଥିବା ଉଦ୍ୟୋଗ, ନିଗମ ଓ ସଂସ୍ଥାଗୁଡ଼ିକରୁ ସରକାର ପୁଞ୍ଜି ପ୍ରତ୍ୟାହାର କରିଥାଆନ୍ତି । ଏହା ଦ୍ୱାରା ଅତିରିକ୍ତ ବ୍ୟୟ କରିବାର ଆବଶ୍ୟକ ପଡ଼େ ନାହିଁ ଏବଂ ବିକ୍ରି ସୂତ୍ରରେ ବା ଲିଜ୍ ସୂତ୍ରରେ ଟେକି ଦେଇ ସରକାର କିଛି ଅର୍ଥ ହାସଲ କରିଥାଆନ୍ତି।

**ପ୍ରଶ୍ନ ୨୪** ନିଅଣ୍ଟିଆ ବଜେଟ୍‌ରେ ଋଣ କରାଯାଉଥିବାରୁ ତାହା ସୁଶାସନ ପାଇଁ ବିପଜ୍ଜନକ କି ?

**ଉତ୍ତର:** ନା, ସେପରି କୌଣସି ବିପଦ ନାହିଁ। କିନ୍ତୁ ରାଜ୍ୟ ସରକାର ବିପୁଳ ପରିମାଣର ଋଣ କରିବସିଲେ, ବିପଦ ଉପୁଜିପାରେ। କାରଣ ଋଣ ପରିଶୋଧ ସୁରୁଖୁରୁରେ ହୋଇ ନପାରିଲେ, ନିଅଣ୍ଟିଆ ସ୍ଥିତି ପର ବର୍ଷର ବଜେଟକୁ ମଧ୍ୟ ପ୍ରଭାବିତ କରେ। କାରଣ ପରବର୍ଷଗୁଡ଼ିକରେ ଋଣ ପରିଶୋଧ ପାଇଁ ବଜେଟରେ 'ଋଣ ପରିଶୋଧ ବାବଦ' ରଖିବାକୁ ପଡ଼େ।

**ପ୍ରଶ୍ନ ୨୫** ଯଦି ବଳକା ବଜେଟ୍ ହୁଏ, ତେବେ ବଳକା ଅର୍ଥ ରାଶି କ'ଣ ହୁଏ ?

**ଉତ୍ତର:** ପରବର୍ତ୍ତୀ ଆର୍ଥିକ ବର୍ଷରେ ପୂର୍ବ ଆର୍ଥିକ ବର୍ଷର ବଳକା ଅର୍ଥ ରାଶି ଓପନିଂ ବାଲାନ୍ସ ରୂପେ ଦର୍ଶାଯାଇଥାଏ।

**ପ୍ରଶ୍ନ ୨୬** ରାଜ୍ୟ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ବିଭାଗ ଦ୍ୱାରା ରାଜ୍ୟ ବଜେଟ ପ୍ରସ୍ତୁତ ହୁଏ କି ?

**ଉତ୍ତର:** ହଁ। ବିତ୍ତ ବିଭାଗ ବା ଅର୍ଥ ବିଭାଗ (ଫାଇନାନ୍ସ ଡିପାର୍ଟମେଣ୍ଟ) ହିଁ ବାର୍ଷିକ ବଜେଟ୍ ପ୍ରସ୍ତୁତ କରିଥାଏ।

**ପ୍ରଶ୍ନ ୨୭** ରାଜ୍ୟସ୍ତରୀୟ ବଜେଟ୍ ପରି ଜିଲ୍ଲାସ୍ତରରେ କ'ଣ ବଜେଟ୍ ପ୍ରସ୍ତୁତ କରାଯାଏ କି ?

**ଉତ୍ତର:** ବିଭିନ୍ନ ପଞ୍ଚାୟତ, ବ୍ଲକ୍ ସ୍ତରରୁ ଆୟବ୍ୟୟ ଅଟକଳ ଯାଇଥାଏ, ଯାହା ଫଳରେ ଜିଲ୍ଲାର ଆୟବ୍ୟୟ ଅଟକଳ ମଧ୍ୟ ସେହି ପ୍ରକ୍ରିୟା ମଧ୍ୟରେ ପ୍ରସ୍ତୁତ ହୋଇଯାଇଥାଏ। କିନ୍ତୁ ଜିଲ୍ଲାସ୍ତରର କିଛି ବଜେଟ କିଛି ନାହିଁ। ଅତଏବ ଜିଲ୍ଲାସ୍ତରରେ କୌଣସି ବଜେଟ୍ ପ୍ରସ୍ତୁତ କରାଯାଏ ନାହିଁ।

**ପ୍ରଶ୍ନ ୨୮** କେଉଁ କେଉଁ ସରକାରୀ ଅଧିକାରୀ/ କର୍ମଚାରୀ ବଜେଟ ପ୍ରସ୍ତୁତି ଦାୟିତ୍ୱରେ ଥାଆନ୍ତି ?

**ଉତ୍ତର:** ରାଜ୍ୟ, ଜିଲ୍ଲା, ପଞ୍ଚାୟତସମିତି ଓ ଗାଁ ସ୍ତରରେ ବିଭିନ୍ନ ବିଭାଗର ବିଭିନ୍ନ ଆହରଣ ଓ ବିତରଣ ଅଧିକାରୀ (ଡିଡିଓ) ରହିଥାଆନ୍ତି। ବଜେଟ୍ ପ୍ରସ୍ତୁତି

ସମୟରେ ଏହି ଅଧିକାରୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ଡିଡିଓ ଏକ ପଦ ନୁହେଁ, ଏକ ଦାୟିତ୍ୱ। ବିଭିନ୍ନ ପଦରେ ଥିବା ଅଧିକାରୀଙ୍କ ଉପରେ ଔପଚାରିକ ଭାବେ ଏହି ଦାୟିତ୍ୱ ନ୍ୟସ୍ତ ଥାଏ। ଉଦାହରଣତଃ ଗୋଟିଏ ବ୍ଲକ୍‌ର ବିଡିଓ ଜଣେ ଡିଡିଓ ହୋଇଥିବା ବେଳେ ସେହି ବ୍ଲକ୍‌ରେ ଥିବା ସରକାରୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧ୍ୟ ଜଣେ ଜଣେ ଡିଡିଓ ରୂପେ ବଜେଟ୍ ପାଇଁ କାର୍ଯ୍ୟ କରିଥାଆନ୍ତି।

**ପ୍ରଶ୍ନ ୨୯** 'ଡିଡିଓ' ମାନେ କ'ଣ ?

**ଉତ୍ତର:** ଇଂଲିଶ୍ ଠାରଭାଷାରେ କୁହାଯାଉଥିବା 'ଡି.ଡି.ଓ.'ର ପୂରାନାମ "ଡ୍ରଇଂ ଏଣ୍ଡ୍ ଡିସବର୍ସମେଣ୍ଟ୍ ଅଫିସର"। ଏହାର ଅର୍ଥ ହେଉଛି ଯେଉଁ ଅଧିକାରୀମାନେ ରାଜକୋଷରୁ ପାଣ୍ଠି ଉଠାଇବା ଓ ବିତରଣ କରିବାର କ୍ଷମତା ପାଇଛନ୍ତି। ଏହାକୁ ସାଧାରଣତଃ "ଆହରଣ ଓ ବିତରଣ ଅଧିକାରୀ" କୁହାଯାଇଥାଏ।

**ପ୍ରଶ୍ନ ୩୦** ଡିଡିଓମାନେ କେଉଁ ମାସରେ ବଜେଟ୍ ଆକଳନର ହିସାବ ସଂଗ୍ରହ କରନ୍ତି ?

**ଉତ୍ତର:** ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଚିଠା ଆକଳନ, ବିଭାଗୀୟ ନିର୍ଦ୍ଦେଶକଙ୍କ ପାଖରେ ଦାଖଲ କରାଯାଉଥିବାରୁ ଅଗଷ୍ଟ ଶେଷ ସୁଦ୍ଧା ବିଭିନ୍ନ ଆକଳନର ହିସାବ ପ୍ରସ୍ତୁତ ହେଉଥିବା ଅନୁମାନ କରାଯାଏ। ଅର୍ଥାତ୍ ୨୦୧୨-୧୩ ଆର୍ଥିକ ବର୍ଷର ବଜେଟ୍ ପାଇଁ ୨୦୧୧ ମସିହା ଅଗଷ୍ଟ ମାସ ସୁଦ୍ଧା ଆକଳନର ହିସାବ ସଂଗ୍ରହ କରାଯାଏ।

**ପ୍ରଶ୍ନ ୩୧** ରାଜ୍ୟ ବଜେଟ୍ ପ୍ରସ୍ତୁତିରେ ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ) ମାନଙ୍କର କୌଣସି ଭୂମିକା ଅଛି କି ?

**ଉତ୍ତର:** ବିଡିଓ ମଧ୍ୟ ଜଣେ ଡିଡିଓ। ତେଣୁ ରାଜ୍ୟ ବଜେଟ୍ ପ୍ରସ୍ତୁତିରେ ବ୍ଲକ୍ ଅଧୀନରେ ଥିବା ବିଭିନ୍ନ ବିଭାଗୀୟ କ୍ଷେତ୍ର ଉପରେ ବଜେଟ୍ ପ୍ରସ୍ତୁତିରେ ତାଙ୍କର ଭୂମିକା ରହିଥାଏ। ନିଜ ଦାୟିତ୍ୱରେ ଥିବା ବ୍ଲକ୍(ଗୁଡ଼ିକ) ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗ, ଅନୁସୂଚିତ ଜାତି

ଜନଜାତି ବିକାଶ ଓ ପଛୁଆ ଜାତି ସଂଖ୍ୟାଲଘୁ କଲ୍ୟାଣ ବିଭାଗର ବଜେଟ୍ ପ୍ରସ୍ତୁତ କରିଥାଆନ୍ତି । ଏଥିରେ ମୁଖ୍ୟତଃ ଖର୍ଚ୍ଚଦାବି ରହିଥାଏ ।

**ପ୍ରଶ୍ନ ୩୨ ରାଜ୍ୟ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାରେ ଜିଲ୍ଲାପାଳମାନଙ୍କର କିଛି ଭୂମିକା ଅଛି କି ?**

**ଉତ୍ତର:** ଜିଲ୍ଲାୱାରୀ ବଜେଟ୍ ହେଉ ନଥିବାରୁ ଜିଲ୍ଲାପାଳମାନଙ୍କର ଖାସ୍ ଭୂମିକା ନାହିଁ । ତେବେ ପ୍ରତ୍ୟକ୍ଷ ଭାବେ ବିତ୍ତ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ମହିଳା ଓ ଶିଶୁ ବିକାଶ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅନୁଦାନ ଦାବି ପାଇଁ ଆୟବ୍ୟୟ ତାଲିକା ପ୍ରସ୍ତୁତ କରି ବଜେଟ୍ ଉଦ୍ଦେଶ୍ୟରେ ପଠାଇଥାଆନ୍ତି ।

**ପ୍ରଶ୍ନ ୩୩ ଆକଳନକାରୀ ଅଧିକାରୀଙ୍କ କାର୍ଯ୍ୟ କ'ଣ ?**

**ଉତ୍ତର:** ଡିଡିଓମାନେ ପଠାଇଥିବା ଆୟବ୍ୟୟ ତାଲିକାକୁ ଟିକିନିଖି ପରଖିବା ପରେ ଆକଳନକାରୀ ଅଧିକାରୀ ତାହାକୁ ନିୟନ୍ତ୍ରଣକାରୀ ଅଧିକାରୀଙ୍କ ପାଖକୁ ପଠାଇଥାଆନ୍ତି ।

**ପ୍ରଶ୍ନ ୩୪ ରାଜ୍ୟସ୍ତରରେ ଥିବା ନିୟନ୍ତ୍ରଣକାରୀ ଅଧିକାରୀ(କଣ୍ଟ୍ରୋଲିଂ ଅଫିସର)ଙ୍କ କାର୍ଯ୍ୟ କ'ଣ ?**

**ଉତ୍ତର:** ନିୟନ୍ତ୍ରଣ-ଅଧିକାରୀ, ଆକଳନ-ଅଧିକାରୀମାନଙ୍କ ଠାରୁ ବଜେଟ୍ ଆକଳନଗୁଡ଼ିକୁ ଗ୍ରହଣ କରି ଯାଞ୍ଚ କରନ୍ତି । ବଜେଟ୍‌ର ବ୍ୟାଖ୍ୟାଗୁଡ଼ିକରେ କିଛି ପରିବର୍ତ୍ତନ ଆଣିବା ଦରକାର ପଡୁଥିଲେ ତାହା କରନ୍ତି । କୌଣସି ଆବଶ୍ୟକ ବ୍ୟାଖ୍ୟାକୁ ଆକଳନକାରୀ ଅଧିକାରୀ ଛାଡ଼ି ଯାଇଥିଲେ ତାହାକୁ ଯୋଡ଼ନ୍ତି ଅଥବା ସ୍ପଷ୍ଟୀକରଣ ମଗାନ୍ତି । ସବୁ ଆକଳନକାରୀ ଅଧିକାରୀମାନଙ୍କ ତାଲିକାକୁ ଏକାଠି କରି ସେହି ମିଳିତ ତାଲିକାର ୨ଟି ନକଲ ଏ.ଜି.ଙ୍କ ଦପ୍ତରକୁ ଏବଂ ସଂପୃକ୍ତ ପ୍ରଶାସକୀୟ ବିଭାଗ ଓ ବିତ୍ତ(ଅର୍ଥ) ବିଭାଗକୁ ଗୋଟିଏ ଲେଖାଏଁ ନକଲ ପଠାନ୍ତି ।

ପ୍ରଶ୍ନ ୩୫ ନିୟନ୍ତ୍ରଣକାରୀ ଅଧିକାରୀ ପଠାଇଥିବା ଚିଠାବଜେଟ୍ କେବେ ଚୂଡ଼ାନ୍ତ ହେବ ?

ଉତ୍ତର: ନିୟନ୍ତ୍ରଣକାରୀ ଅଧିକାରୀଙ୍କ ପ୍ରସ୍ତୁତ ଆୟବ୍ୟୟ ତାଲିକା ଅର୍ଥ ବିଭାଗ ଓ ଆକାଉଣ୍ଟାଣ୍ଟ୍ ଜେନେରାଲ (ଏ.ଜି.)ଙ୍କ ପାଖକୁ ନଭେମ୍ବର ୧୫ ତାରିଖ ସୁଦ୍ଧା ଯିବ। ଅର୍ଥାତ୍ ନଭେମ୍ବର ୧୫ ତାରିଖ ପରେ ହିଁ ଚିଠା ବଜେଟ୍ ଚୂଡ଼ାନ୍ତ ହେବ।

ପ୍ରଶ୍ନ ୩୬ ରାଜ୍ୟ ବଜେଟ୍‌ରେ ଜନସାଧାରଣଙ୍କ ସଂପୃକ୍ତି ଅଛି କି ?

ଉତ୍ତର: ନାହିଁ।

ପ୍ରଶ୍ନ ୩୭ ବଜେଟ୍ ବିଷୟରେ ଜନସାଧାରଣ ଜାଣିବା ନିହାତି ଦରକାର କି ?

ଉତ୍ତର: ହଁ ଦରକାର। କାରଣ ଜନସାଧାରଣଙ୍କୁ ସରକାର ଦେଇଥିବା ପ୍ରତିଶ୍ରୁତିକୁ ବଜେଟ୍‌ରେ ସ୍ଥାନ ଦେଇଥାଆନ୍ତି। ବାସ୍ତବରେ ସେପରି ହେଉଛି କି ନାହିଁ, ତାହା କେବଳ ଜନସାଧାରଣ ବିସ୍ତୃତ ଭାବେ ଜାଣିଲେ ହିଁ ହୃଦ୍‌ବୋଧ କରିପାରିବେ ଏବଂ ଆବଶ୍ୟକ ସ୍ଥଳେ ପ୍ରଶ୍ନ ପଚାରିପାରିବେ। ପ୍ରତିଶ୍ରୁତି ଭିତ୍ତିରେ ଯେଉଁ ବାବଦଗୁଡ଼ିକରେ ବିନିଯୋଗ ହେବାକୁ ବଜେଟ୍‌ରେ ବ୍ୟୟବରାଦ ହୋଇଛି, ସେହି ବାବଦରେ ବ୍ୟୟ ହେଉଛି କି ନାହିଁ, ତାହା ଜାଣିବାକୁ ଜନସାଧାରଣ ବଜେଟ୍ ବିଷୟରେ ଜାଣିବା ନିହାତି ଦରକାର। ଏହା ବ୍ୟତୀତ ରାଜ୍ୟ ସରକାର ପ୍ରତିବର୍ଷ ଯେତିକି ବ୍ୟୟ ଅଟକଳ କରନ୍ତି, ତାହା ଜନସାଧାରଣଙ୍କ ଠାରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଆସିଥାଏ। ଏହା ସହିତ ଲୋକଙ୍କ ଆବଶ୍ୟକତା ଓ ଅଧିକାର ପୂରଣ କରିବାରେ ବଜେଟ୍ ଉପଯୁକ୍ତ କି ନାହିଁ, ତାହାକୁ ଜନସାଧାରଣ ଜାଣିବା ନିହାତି ଦରକାର।

ପ୍ରଶ୍ନ ୩୮ ବଜେଟ୍‌ରେ ନାଗରିକମାନଙ୍କର ଦାବି ସାମିଲ ହେବାର କିଛି ବ୍ୟବସ୍ଥା ଅଛି କି ?

ଉତ୍ତର: ପ୍ରଚଳିତ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାରେ ନାଗରିକମାନଙ୍କର ଦାବି ସ୍ଥାନ ପାଇପାରିବ। ଏଥି ପାଇଁ କୌଣସି ଲିଖିତ ନିୟମ ନାହିଁ। ଲୋକମାନେ

ଚାହିଲେ, ଲିଖିତ ଦାବିପତ୍ର ସଂପୃକ୍ତ ଅଞ୍ଚଳର ଡି.ଡି.ଓ.ଙ୍କ ପାଖରେ ଯଥା ସମୟରେ ପହଞ୍ଚାଇ ପାରିବେ।

**ପ୍ରଶ୍ନ ୩୯** କେଉଁ ପରିପ୍ରେକ୍ଷୀରେ ବଜେଟ୍ ତିଆରିରେ ସାଧାରଣ ନାଗରିକ ଅଂଶଗ୍ରହଣ କରି ପାରିବେ ?

**ଉତ୍ତର:** "ଓଡ଼ିଶା ବଜେଟ୍ ମାନୁଆଲ ୧୯୬୩" ଅନୁସାରେ ସାଧାରଣ ନାଗରିକଙ୍କର ଅଂଶଗ୍ରହଣର ସୁଯୋଗ ନାହିଁ। ତେବେ ବଜେଟ୍‌ରେ ସାମିଲ ହେବା ପାଇଁ ସାଧାରଣ ନାଗରିକଙ୍କ ଦାବିଗୁଡ଼ିକ ବ୍ୟକ୍ତିଗତ ସ୍ୱାର୍ଥଭିତ୍ତିକ ନହୋଇ ସାମୂହିକ ହିତସାଧନ ଉଦ୍ଦେଶ୍ୟରେ ହୋଇଥିଲେ, ଲିଖିତ ଆକାରରେ ଡିଡିଓଙ୍କ ହସ୍ତଗତ ହେବା ଆବଶ୍ୟକ।

**ପ୍ରଶ୍ନ ୪୦** ଡି.ଡି.ଓ.ଙ୍କ ବ୍ୟତୀତ କେଉଁ ପଦାଧିକାରୀଙ୍କ ନିକଟରେ ପହଞ୍ଚି ଜନତା ବିଭିନ୍ନ ସାମୂହିକ ପ୍ରସଙ୍ଗକୁ ବଜେଟ୍‌ରେ ସାମିଲ କରାଇବାକୁ ଦାବି ଜଣାଇପାରିବେ ?

**ଉତ୍ତର:** ସ୍ଥାନୀୟ ବିଧାୟକଙ୍କ ଜରିଆରେ ବଜେଟ୍ ପାଇଁ ଉପଯୁକ୍ତ ଦାବିଗୁଡ଼ିକୁ ସଂପୃକ୍ତ ଡିଡିଓଙ୍କ ପାଖରେ ପହଞ୍ଚି ପାରିବ।

**ପ୍ରଶ୍ନ ୪୧** ରାଜ୍ୟର ବଜେଟ୍ ପ୍ରସ୍ତୁତିରେ ପଞ୍ଚାୟତିରାଜ ବ୍ୟବସ୍ଥାର ଭୂମିକା ଅଛି କି ?

**ଉତ୍ତର:** ବେଶ୍ ଉପଯୋଗୀ ପ୍ରଶ୍ନ। ତେବେ ରାଜ୍ୟ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାରେ ପଞ୍ଚାୟତିରାଜ ବ୍ୟବସ୍ଥାର କୌଣସି ଭୂମିକା ନାହିଁ। ଅର୍ଥାତ୍ ତିନି ସ୍ତରର ପଞ୍ଚାୟତଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଯୋଜନା ସହିତ ରାଜ୍ୟ ବଜେଟ୍‌ରେ ସାମିଲ ଥିବା ଯୋଜନାର ପ୍ରତ୍ୟକ୍ଷ ସଂପର୍କ ନାହିଁ। ସମାନ୍ତରାଳ ଭାବେ ଡିଡିଓମାନେ ଆୟବ୍ୟୟ ଅଟକଳ ପ୍ରସ୍ତୁତିରେ କିଛି ଯୋଜନା ସାମିଲ କରୁଥାଆନ୍ତି। ସେହିପରି ପଞ୍ଚାୟତିରାଜ ବ୍ୟବସ୍ଥାରେ ଗାଁ ସ୍ତରରୁ ଜିଲ୍ଲା ସ୍ତର ପର୍ଯନ୍ତ ଯୋଜନା ହୋଇଥାଏ। କିନ୍ତୁ ଏଗୁଡ଼ିକ ମଧ୍ୟରେ ସମନ୍ୱୟ ନଥାଏ କି ପରେ ସମନ୍ୱିତ ମଧ୍ୟ ହୋଇନଥାଏ।

ପ୍ରଶ୍ନ ୪୨ ଯଦି ବଜେଟ୍ ପ୍ରସ୍ତୁତିରେ ପଞ୍ଚାୟତିରାଜର ଭୂମିକା ନାହିଁ, ତେବେ ସଂବିଧାନର ୭୩ତମ ସଂଶୋଧନ ଅଧିନିୟମର ଲକ୍ଷ୍ୟ ପୂରଣ ହେବ କିପରି ?

ଉତ୍ତର: ଆପଣଙ୍କ ପ୍ରଶ୍ନ ବେଶ୍ ତାତ୍ତ୍ୱିକ। ସଂବିଧାନର ୭୩ତମ ସଂଶୋଧନ ଅଧିନିୟମରେ ବର୍ଣିତ ପଞ୍ଚାୟତିରାଜକୁ ସରକାର ଏବେ ସୁଦ୍ଧା ଏକ ପରୀକ୍ଷାମୂଳକ ଶାସନ ବ୍ୟବସ୍ଥା ରୂପେ ବିବେଚନା କରି ଆସିଛନ୍ତି। ଏଣୁ ଅଧିନିୟମର ଲକ୍ଷ୍ୟ ପୂରଣ ପାଇଁ ଆପଣମାନେ ହିଁ ଶାସନ ଓ ସରକାରଙ୍କ ଉପରେ ଚାପ ପକାଇବା ଜରୁରୀ।

ପ୍ରଶ୍ନ ୪୩ ରାଜ୍ୟର ବଜେଟ୍ ପ୍ରସ୍ତୁତିରେ ବିଧାୟକମାନଙ୍କର ଭୂମିକା ରହିଛି କି ?

ଉତ୍ତର: ହଁ ରାଜ୍ୟର ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାରେ ବିଧାୟକମାନଙ୍କର ଭୂମିକା ରହିଛି। ବିଧାନସଭାରେ ବଜେଟ୍‌କୁ ନେଇ ଯେଉଁ ସାଧାରଣ ଆଲୋଚନା ହୁଏ, ସେଥିରେ ବିଧାୟକମାନେ ବଜେଟ୍ ଉପରେ ପ୍ରଶ୍ନ କରିପାରିବେ। ଏହା ବ୍ୟତୀତ ବିଭାଗୀୟ ଷ୍ଟାଣ୍ଡିଙ୍ଗ୍ କମିଟିମାନେ ବଜେଟ୍‌କୁ ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ କରନ୍ତି। ଏହି କମିଟିରେ ଉଭୟ ଶାସକଦଳ ଓ ବିରୋଧୀଦଳର ବିଧାୟକମାନେ ସଦସ୍ୟ ଥାଆନ୍ତି। ଏହି ସ୍ତରରେ ବିଭିନ୍ନ ବିଭାଗଗୁଡ଼ିକର ଅନୁଦାନ ରାଶିରେ ପରିବର୍ତ୍ତନ ଆଣିବା ସକାଶେ ସରକାରଙ୍କୁ ପରାମର୍ଶ ଦେଇଥାଆନ୍ତି।

ପ୍ରଶ୍ନ ୪୪ "ବିଧାୟକଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି" ମଧ୍ୟ ରାଜ୍ୟ ବଜେଟ୍‌ର ଅନ୍ତର୍ଭୁକ୍ତ କି ? ଯଦି ହଁ, ତେବେ ତାହା କେଉଁ ବାବଦରେ ରହିଥାଏ ?

ଉତ୍ତର: ହଁ, "ବିଧାୟକମାନଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି" ରାଜ୍ୟ ବଜେଟ୍‌ରେ ଅନ୍ତର୍ଭୁକ୍ତ। ତାହା ଯୋଜନା ଓ ସମନ୍ୱୟ ବିଭାଗ ଅଧୀନରେ ପ୍ରଶାସିତ ହୋଇଥାଏ।

**ପ୍ରଶ୍ନ ୪୫** ଯେକୌଣସି ଅଞ୍ଚଳର ସମସ୍ୟାକୁ କିପରି ବଜେଟରେ ସ୍ଥାନ ଦିଆଯାଇପାରିବ ?

**ଉତ୍ତର:** ସେହି ଅଞ୍ଚଳର ସମସ୍ୟାକୁ ନେଇ ସ୍ଥାନୀୟ ଡିଡିଓ ଓ ସ୍ଥାନୀୟ ଅଞ୍ଚଳର ବିଧାୟକଙ୍କ ସହ ଯୋଗାଯୋଗ କଲେ ତାହା ବଜେଟ୍‌ରେ ସ୍ଥାନ ପାଇପାରିବ।

**ପ୍ରଶ୍ନ ୪୬** ବଜେଟ୍‌ରେ କ'ଣ କ'ଣ ଅଛି ତାହାକୁ ସାଧାରଣ ନାଗରିକମାନେ ଜାଣିବେ କିପରି ?

**ଉତ୍ତର:** ପ୍ରତି ବର୍ଷର ବଜେଟ୍‌କୁ ସରକାର ପୁସ୍ତିକା ଆକାରେ ମୁଦ୍ରଣ କରାଇଥାଆନ୍ତି। ସେହି ପୁସ୍ତିକା ସଂଗ୍ରହ କରି ତାହାକୁ ପଢ଼ି ସାଧାରଣ ନାଗରିକମାନେ ରାଜ୍ୟ ବଜେଟ୍ ବିଷୟରେ ଜାଣିପାରିବେ।

**ପ୍ରଶ୍ନ ୪୭** ରାଜ୍ୟ ବଜେଟ୍ ପୁସ୍ତିକା କେଉଁ ଭାଷାରେ ଲେଖା ଯାଇଥାଏ ?

**ଉତ୍ତର:** ଉଭୟ ଓଡ଼ିଆ ଓ ଇଂଲିଶ୍ ଭାଷାରେ ରାଜ୍ୟ ବଜେଟ୍ ପୁସ୍ତକ ମୁଦ୍ରିତ ହୋଇଥାଏ।

**ପ୍ରଶ୍ନ ୪୮** ରାଜ୍ୟ ବଜେଟ୍ ପୁସ୍ତିକାଗୁଡ଼ିକୁ ଜନସାଧାରଣ କେଉଁଠାରେ ପାଇପାରିବେ ?

**ଉତ୍ତର:** ରାଜ୍ୟ ବଜେଟ୍ ସଂକ୍ରାନ୍ତ ପୁସ୍ତିକାଗୁଡ଼ିକୁ ଜନସାଧାରଣ ରାଜ୍ୟ ବିଧାନସଭା ଗ୍ରନ୍ଥାଗାର ଓ ରାଜ୍ୟ ସଚିବାଳୟରେ ଅର୍ଥବିଭାଗ ଏବଂ ଯୋଜନା ଓ ସମନ୍ୱୟ ବିଭାଗରୁ ପାଇପାରିବେ। ଏହି ପୁସ୍ତିକାଗୁଡ଼ିକୁ ହାସଲ କରିବା ପାଇଁ ଆପଣଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ।

**ପ୍ରଶ୍ନ ୪୯** ବଜେଟ୍‌ରେ ଯେଉଁ ଯୋଜନା କଥା କୁହାଯାଉଛି, ପଞ୍ଚବାର୍ଷିକ ଯୋଜନା ସହ ତାହାର ସଂପର୍କ କ'ଣ ?

**ଉତ୍ତର:** ପଞ୍ଚବାର୍ଷିକ ଯୋଜନାରେ ସାଧାରଣତଃ ଆଗାମୀ ୫ ବର୍ଷ ପାଇଁ ଲକ୍ଷ୍ୟ ଓ ନୀତି ଧାର୍ଯ୍ୟ କରାଯାଇଥାଏ। ଏହା ସହିତ ବିଭିନ୍ନ ଆୟ ଓ ବ୍ୟୟର ଆନୁମାନିକ ଆକଳନ ରହିଥାଏ। କିନ୍ତୁ ପ୍ରଚଳିତ ବଜେଟ୍‌ରେ କେବଳ ଆଗାମୀ ଏକ ବର୍ଷ ପାଇଁ ବିଭିନ୍ନ ଆୟ ଓ ବ୍ୟୟର ଅଟକଳ ରହିଥାଏ।

**ପ୍ରଶ୍ନ ୫୦** ପ୍ରଥମ ପଞ୍ଚବାର୍ଷିକ ଯୋଜନା କେବେ ହୋଇଥିଲା ? ଏବେ କେଉଁ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଉଛି ?

**ଉତ୍ତର:** ପ୍ରଥମ ପଞ୍ଚବାର୍ଷିକ ଯୋଜନା ୧୯୫୧ ମସିହାରେ ଆରମ୍ଭ ହୋଇଥିଲା । ୨୦୧୧ ମସିହାରେ ଏକାଦଶ ପଞ୍ଚବାର୍ଷିକ ଯୋଜନା କାର୍ଯକାରୀ ହେଉଛି ।

**ପ୍ରଶ୍ନ ୫୧** ବଜେଟ୍‌ରେ ହଜାର ହଜାର କୋଟି ଟଙ୍କାର ବ୍ୟୟ ହେଉଥିବାରୁ, ସେଭଳି ପୁଞ୍ଜି ସୃଷ୍ଟି କରିବା ପାଇଁ କିଛି ବ୍ୟବସ୍ଥା ଅଛି କି ?

**ଉତ୍ତର:** ହଁ ଅଛି । ତାହାକୁ ବଜେଟ୍‌ରେ ପୁଞ୍ଜି ପ୍ରାପ୍ତି କହନ୍ତି । ଭବିଷ୍ୟତ ପାଇଁ ସରକାର ମଧ୍ୟ ସମ୍ପତ୍ତି ସୃଷ୍ଟି କରିଥାଆନ୍ତି । ଯାହାକି ନିୟମିତ ଆୟ ଦେଇଥାଏ । ମୁଖ୍ୟତଃ ସ୍ଥାବର ସମ୍ପତ୍ତି ସୃଷ୍ଟି କରିଥାଆନ୍ତି । ଏଥିପାଇଁ ଯେଉଁ ବ୍ୟୟ ହୁଏ, ତାହାକୁ କହନ୍ତି ପୁଞ୍ଜି ବ୍ୟୟ ଏବଂ ସେହି ସମ୍ପତ୍ତିରୁ ଯେଉଁ ଆୟ ହୁଏ, ତାହାକୁ କହନ୍ତି ପୁଞ୍ଜି ଆୟ । ପୁଞ୍ଜି ବଜେଟ୍‌ରେ ଖୋଲା ବଜାର ଋଣ କିମ୍ବା ଅନ୍ୟ ସରକାରଙ୍କ ଠାରୁ ଗ୍ରହଣ କରିଥିବା ଋଣ ଏହି ପୁଞ୍ଜି ବଜେଟ୍‌ରେ ସାମିଲ ହୁଏ ।

**ପ୍ରଶ୍ନ ୫୨** ସରକାର ବଜେଟ୍ ପାଇଁ ହଜାର ହଜାର କୋଟି ଟଙ୍କା କେଉଁଠୁ ଆଣନ୍ତି ?

**ଉତ୍ତର:** ସରକାର 'ରାଜସ୍ୱ' ଆଦାୟ ମାଧ୍ୟମରେ ଆୟ କରିଥାଆନ୍ତି । ବିଭିନ୍ନ ଟିକସ, କର, ଖଜଣା, ସେସ୍ ଇତ୍ୟାଦି ବସାଇ ଆୟ କରନ୍ତି । ଏହା ବ୍ୟତୀତ ବିଭିନ୍ନ ଉଦ୍ୟୋଗର ଲାଭ ରାଶିରୁ, କେନ୍ଦ୍ରୀୟ ରାଜସ୍ୱରୁ ରାଜ୍ୟର ଭାଗ ଓ ରାଜ୍ୟକୁ ମିଳୁଥିବା ସହାୟତା ଅନୁଦାନରୁ ଓଡ଼ିଶା ସରକାର ଅର୍ଥ ପାଆନ୍ତି । ଏହା ବ୍ୟତୀତ ନିଅଣ୍ଟ ହେଉଥିଲେ, ରିଜର୍ଭ ବ୍ୟାଙ୍କ୍ ଜରିଆରେ ଋଣ କରନ୍ତି ।

**ପ୍ରଶ୍ନ ୫୩** ବଜେଟ୍‌ର ଆୟ ବ୍ୟୟ ତାଲିକାରେ 'ରାଜସ୍ୱ'ର ସ୍ଥାନ କ'ଣ ?

**ଉତ୍ତର:** ସରକାରଙ୍କ ଆୟର ଏକ ମାଧ୍ୟମ ହେଉଛି 'ରାଜସ୍ୱ' । ତେବେ ରାଜ୍ୟ ବଜେଟ୍‌ରେ 'ରାଜସ୍ୱ ବଜେଟ୍' ଏକ ସ୍ୱତନ୍ତ୍ର ଅଂଶ ରୂପେ ରହିଥାଏ ।

ଏହା ସରକାରଙ୍କ ଚଳନ୍ତି ଆୟ ରୂପେ ଆଦାୟ ହୋଇଥାଏ ଏବଂ ଚଳନ୍ତି ବ୍ୟୟ ରୂପେ ବିନିଯୋଗ ହୋଇଯାଇଥାଏ। ଏଥିରେ କୌଣସି ପୁଞ୍ଜି ଆସ୍ତି (ସ୍ଥାୟୀ ସମ୍ପତ୍ତି) ସୃଷ୍ଟି କରାଯାଇ ନଥାଏ।

**ପ୍ରଶ୍ନ ୫୪ ରାଜସ୍ୱ ଆୟର ପ୍ରକାରଭେଦ ଅଛି କି ?**

**ଉତ୍ତର:** ହଁ ଅଛି। ୨ଟି ଉତ୍ସରୁ ରାଜସ୍ୱ ଆସିଥାଏ, ତାହା ହେଉଛି ରାଜ୍ୟର ନିଜସ୍ୱ ଆୟ ଏବଂ କେନ୍ଦ୍ର ସରକାରଙ୍କ ଠାରୁ ପ୍ରାପ୍ତି। ରାଜ୍ୟର ନିଜସ୍ୱ ଆୟ ହେଉଛି (୧) ଟିକସ ରାଜସ୍ୱ, (୨) ଅଣ-ଟିକସ ରାଜସ୍ୱ। ସେହି ପରି କେନ୍ଦ୍ର ସରକାର ଦେଇଥାଆନ୍ତି ରାଜ୍ୟ ପାଇଁ ଉଦ୍ଦିଷ୍ଟ ଅଂଶ ଏବଂ ସହାୟତା ଅନୁଦାନ(ଗ୍ରାଣ୍ଟ-ଇନ୍-ଏଡ୍)। କେନ୍ଦ୍ରୀୟ ସହାୟତା ଅନୁଦାନ ମଧ୍ୟ ୨ ପ୍ରକାରର। ଯୋଜନା ଆୟୋଗଙ୍କ ସୁପାରିଶ କ୍ରମେ ଓ କେନ୍ଦ୍ର ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ୨ ପ୍ରକାର ସହାୟତା ଅନୁଦାନ ରାଜ୍ୟ ସରକାର ପାଇଥାଆନ୍ତି। ବିଭିନ୍ନ ରାଜ୍ୟର ବିକାଶର ଭାରସାମ୍ୟ ରକ୍ଷା କରିବା ପାଇଁ କେନ୍ଦ୍ର ଅର୍ଥ ଆୟୋଗ ପ୍ରତି ବର୍ଷ ଯେଉଁ ସୁପାରିଶ କରିଥାଆନ୍ତି, ସେହି ଅନୁସାରେ ରାଜ୍ୟକୁ ଅନୁଦାନ ମିଳିଥାଏ।

**ପ୍ରଶ୍ନ ୫୫ ଟିକସ ରାଜସ୍ୱ କ'ଣ ?**

**ଉତ୍ତର:** ସମ୍ବିଧାନ ଅନୁଯାୟୀ ଟିକସ ବସାଇବାର କ୍ଷମତା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ଶାସନ ପରିଚାଳନାର ଖର୍ଚ୍ଚ ବହନ ପାଇଁ ପ୍ରତ୍ୟେକ ନାଗରିକ ବାଧ୍ୟତାମୂଳକଭାବେ ଟିକସ ଦେଇଥାଆନ୍ତି। କେନ୍ଦ୍ରୀୟ ଟିକସଗୁଡ଼ିକ ହେଉଛି- କଷ୍ଟମ୍ସ, କେନ୍ଦ୍ରୀୟ ଅବକାରୀ ଟିକସ, ଆୟକର, କର୍ପୋରେସନ ଟିକସ, ସମ୍ପତ୍ତିକର, କେନ୍ଦ୍ରୀୟ ବିକ୍ରୀକର ଇତ୍ୟାଦି। ରାଜ୍ୟ ଟିକସଗୁଡ଼ିକ ହେଉଛି- ମୂଲ୍ୟଯୁକ୍ତ କର(ପୂର୍ବରୁ ଥିଲା ବିକ୍ରୀକର), ପ୍ରମୋଦକର, ମୋଟରଯାନ ଟିକସ, ବୃତ୍ତି କର, ରାଜ୍ୟ ଅବକାରୀ ଟିକସ।

**ପ୍ରଶ୍ନ ୫୬ କେନ୍ଦ୍ରୀୟ ଟିକସ ରାଜସ୍ୱରୁ ରାଜ୍ୟ କିଛି ପାଏ କି ?**

**ଉତ୍ତର:** ହଁ, ପାଏ । "କେନ୍ଦ୍ରୀୟ ବିତ୍ତ ଆୟୋଗ"ଙ୍କ ସୁପାରିଶ କ୍ରମେ କେନ୍ଦ୍ରୀୟ ଟିକସ ରାଜସ୍ୱର କିଛି ଅଂଶ ରାଜ୍ୟକୁ ମିଳିଥାଏ ।

**ପ୍ରଶ୍ନ ୫୭ ରାଜସ୍ୱ ଆୟ ଓ ପୁଞ୍ଜି ଆୟ ମଧ୍ୟରେ ପାର୍ଥକ୍ୟ କ'ଣ ?**

**ଉତ୍ତର:** ପ୍ରତ୍ୟେକ ଆୟ ଯାହାକି ଟିକସ, ଅଣଟିକସ, ଅନୁଦାନ ଓ ଅନ୍ୟାନ୍ୟ ସେବାରୁ ଆସିଥାଏ, ତାହାକୁ ରାଜସ୍ୱ ଆୟ କୁହାଯାଏ । କିନ୍ତୁ ଯେଉଁ ଆୟ, ଆଭ୍ୟନ୍ତରୀଣ ଋଣ ବାହ୍ୟ ଋଣ ଆକାରେ ହୋଇଥାଏ କିମ୍ବା କୌଣସି ଉଦ୍ୟୋଗ/ନିଗମ/ ସଂସ୍ଥାରୁ ପୁଞ୍ଜିପ୍ରତ୍ୟାହାର ଜରିଆରେ ଯାହା ଆୟ ହୁଏ, ତାହାକୁ ପୁଞ୍ଜି ଆୟ କୁହାଯାଏ ।

**ପ୍ରଶ୍ନ ୫୮ ଅଣଟିକସ ରାଜସ୍ୱ ସବୁ କ'ଣ କ'ଣ ?**

**ଉତ୍ତର:** ବିଭିନ୍ନ ସର୍ବସାଧାରଣ ସେବାର ଫିସ୍ ଓ ସରକାରୀ କ୍ଷେତ୍ରର ଉଦ୍ୟୋଗ ଓ ସଂସ୍ଥାର ଆୟ ଏହାର ଅନ୍ତର୍ଭୁକ୍ତ । ସରକାର ଦେଇଥିବା ଋଣରାଶିରୁ ମିଳୁଥିବା ସୁଧ ବ୍ୟତୀତ ଅନ୍ୟ ଅଣଟିକସଗୁଡ଼ିକ ହେଉଛି- ସେଚକର, ଜଳକର, ସ୍ୱାସ୍ଥ୍ୟସେବା ଫିସ୍, ଖଣି ରୟାଲଟି ଓ ବନଜାତ ଦ୍ରବ୍ୟ ବିକ୍ରୀର ଆୟ । କେନ୍ଦ୍ର ସରକାର ଦେଉଥିବା ସହାୟତା ଅନୁଦାନ (ଗ୍ରାଣ୍ଟସ-ଇନ୍-ଏଡ୍) ମଧ୍ୟ ଅଣଟିକସ ରାଜସ୍ୱର ଏକ ଉତ୍ସ ।

**ପ୍ରଶ୍ନ ୫୯ ରାଜସ୍ୱ ବ୍ୟୟ କ'ଣ ?**

**ଉତ୍ତର:** ରାଜ୍ୟ ସରକାରଙ୍କ ଶାସନ ପରିଚାଳନା ବ୍ୟୟ ଓ ଏଷ୍ଟାବ୍ଲିସମେଣ୍ଟ ବ୍ୟୟକୁ 'ରାଜସ୍ୱ ବ୍ୟୟ' କହନ୍ତି । ଏହା ମୁଖ୍ୟତଃ ଦପ୍ତର ପରିଚାଳନା, ରକ୍ଷଣାବେକ୍ଷଣ ବ୍ୟୟ ଭରଣା କରିଥାଏ । ଏହାର ମୁଖ୍ୟ ବ୍ୟୟ ବାବଦ ହେଉଛି ଅଧିକାରୀ ଓ କର୍ମଚାରୀମାନଙ୍କ ଦରମା ପ୍ରଦାନ । ଆଣିଥିବା ଋଣ ଉପରେ ସୁଧ ପ୍ରଦାନ, ସବସିଡ଼ି ପ୍ରଦାନ ଏହି ବ୍ୟୟର ଅନ୍ତର୍ଭୁକ୍ତ । ଏହା ସହ ପୁରୁଣା ସଂରଚନାର ରକ୍ଷଣାବେକ୍ଷଣ ବା ଚଳନ୍ତି ଖର୍ଚ୍ଚ ସମେତ ସରକାରଙ୍କ ଅନୁମୋଦନ କ୍ରମେ ହେଉଥିବା ଏଭଳି ଖର୍ଚ୍ଚ ହେଉଛି ରାଜସ୍ୱ ବ୍ୟୟର ଉଦାହରଣ ।

**ପ୍ରଶ୍ନ ୬୦ ସରକାରଙ୍କ ଅର୍ଥ ବା ପାଣ୍ଠି ସବୁ କେଉଁଠି ଗଚ୍ଛିତ ରଖାଯାଏ ?**

**ଉତ୍ତର:** ସରକାରଙ୍କର ବିଭିନ୍ନ ପାଣ୍ଠି ଅଛି । ଯେପରିକି ସାଧାରଣ ପାଣ୍ଠି, ସଂଗୃହିତ ପାଣ୍ଠି ଏବଂ ଆକସ୍ମିକ ପାଣ୍ଠି । ଏହି ପାଣ୍ଠିଗୁଡ଼ିକରେ ସରକାରଙ୍କର ସମସ୍ତ ଅର୍ଥ ଗଚ୍ଛିତ ରହେ । ଏହା ସରକାରଙ୍କ କୋଷାଗାର(ଟ୍ରେଜେରି)ରେ ରହେ । ଆମ ଦେଶର ଟଙ୍କା କାରବାର ମୁଖ୍ୟତଃ "ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ" ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ ତାହାଙ୍କ ନିୟମ ଅନୁସାରେ ଅର୍ଥରାଶି ସବୁ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ୍‌ରେ ଆକାଉଣ୍ଟ ଖୋଲାଯାଇ ରଖାଯାଇଥାଏ ।

**ପ୍ରଶ୍ନ ୬୧ ବଜେଟରେ ଆବଣ୍ଟିତ ପାଣ୍ଠି ଠିକ୍ ଭାବରେ ଖର୍ଚ୍ଚ ହେଉଛି କି ନାହିଁ, ତାହାର ସମୀକ୍ଷା ହୁଏକି ?**

**ଉତ୍ତର:** ହଁ, ସରକାରଙ୍କର ଆର୍ଥିକ ପରିଚାଳନାରେ ଯେତେ ପାଣ୍ଠି ଆବଣ୍ଟନ କରାଇଥାଏ, ତାହା ଠିକ୍ ଭାବରେ ଖର୍ଚ୍ଚ ହେଲା କି ନାହିଁ ଏବଂ ଯେଉଁ ଲକ୍ଷ୍ୟ ପୂରଣ ପାଇଁ ଆବଣ୍ଟିତ ହୁଏ, ତାହା ପୂରଣ ହେଲା କି ନାହିଁ, ତାହା ଉପରେ ସ୍ୱଚ୍ଛତା ପାଇଁ ପ୍ରତି ଆର୍ଥିକ ବର୍ଷ ଶେଷରେ ଅଡ଼ିଟ୍ ହୁଏ ।

**ପ୍ରଶ୍ନ ୬୨ ରାଜ୍ୟକୁ କେନ୍ଦ୍ର ସରକାର ସହାୟତା ଅନୁଦାନ ଦିଅନ୍ତି କାହିଁକି ?**

**ଉତ୍ତର:** ସମ୍ବିଧାନର ଧାରା-୨୭୫ ଅନୁଯାୟୀ 'କେନ୍ଦ୍ରୀୟ ବିତ୍ତ ଆୟୋଗ'ଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାରଙ୍କୁ କେନ୍ଦ୍ର ସରକାର ସହାୟତା ଅନୁଦାନ ଦେଇ ଥାଆନ୍ତି । ସେହିପରି ସମ୍ବିଧାନର ଧାରା ୨୮୨ ଅନୁଯାୟୀ ଯୋଜନା ଆୟୋଗଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାରଙ୍କୁ ସହାୟତା ଅନୁଦାନ ଦେଇଥାଆନ୍ତି ।

**ପ୍ରଶ୍ନ ୬୩ ଅଣଯୋଜନା ଖର୍ଚ୍ଚ କହିଲେ କ'ଣ ବୁଝାଯାଏ ?**

**ଉତ୍ତର:** ପୁରୁଣା କାର୍ଯ୍ୟକ୍ରମର ପରିଚାଳନା ବା ପ୍ରଶାସନ ବାବଦରେ ଯେଉଁ ଖର୍ଚ୍ଚ ନିରନ୍ତର ହୋଇଚାଲିଥାଏ, ତାହାକୁ ଅଣଯୋଜନା ଖର୍ଚ୍ଚ କୁହାଯାଏ । ଉଦାହରଣ: ବିଭିନ୍ନ ସଂରଚନା(ଭିତ୍ତିଭୂମି)ର ମରାମତି, ସରକାରୀ କଳର ପରିଚାଳନା, ଦରମା ଇତ୍ୟାଦି ।

**ପ୍ରଶ୍ନ ୬୪ ଯୋଜନା ଖର୍ଚ୍ଚ କହିଲେ କ'ଣ ବୁଝାଯାଏ ?**

**ଉତ୍ତର:** ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ବାର୍ଷିକ ଯୋଜନାରେ କେତେଗୁଡ଼ିଏ ନୂଆ କାର୍ଯ୍ୟକ୍ରମ ବା ସ୍କିମ୍ ହାତକୁ ନେଇଥାଆନ୍ତି । ସେହି ବାବଦରେ ହେଉଥିବା ଖର୍ଚ୍ଚକୁ କୁହାଯାଏ 'ଯୋଜନା ଖର୍ଚ୍ଚ' । ଉଦାହରଣ- ନୂଆ କେନାଲ ଖୋଳା, ବନ୍ଧ ନିର୍ମାଣ ଇତ୍ୟାଦି ।

**ପ୍ରଶ୍ନ ୬୫ ରାଜ୍ୟ ବଜେଟ୍‌ରେ କେତେ ପ୍ରକାର ଯୋଜନା ସଂପର୍କରେ ଉଲ୍ଲେଖ ଥାଏ ?**

**ଉତ୍ତର:** ରାଜ୍ୟ ବଜେଟ୍‌ରେ ତିନି ପ୍ରକାର ଯୋଜନା ସଂପର୍କରେ ଉଲ୍ଲେଖ ଥାଏ । ସେଗୁଡ଼ିକ ହେଉଛି ( ୧ ) ରାଜ୍ୟ ଯୋଜନା, ( ୨ ) କେନ୍ଦ୍ରୀୟ ଯୋଜନା, (୩) କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ।

**ପ୍ରଶ୍ନ ୬୬ ରାଜ୍ୟ ଯୋଜନା କ'ଣ ?**

**ଉତ୍ତର:** ରାଜ୍ୟ ସରକାର ପ୍ରସ୍ତୁତ କରୁଥିବା ଯୋଜନା ହିଁ ରାଜ୍ୟ ଯୋଜନା । ଏହାର ସମସ୍ତ ବ୍ୟୟଭାର ରାଜ୍ୟ ସରକାର ବହନ କରିଥାଆନ୍ତି । ପ୍ରତି ରାଜ୍ୟ ଭଳି ଓଡ଼ିଶାରେ "ରାଜ୍ୟ ଯୋଜନା ବୋର୍ଡ଼"ରହିଛି । ଏହି ବୋର୍ଡ଼ ଓ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି 'ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗ' ଜରିଆରେ ରାଜ୍ୟର ଯୋଜନା ପ୍ରସ୍ତୁତ ହୋଇଥାଏ । କେନ୍ଦ୍ର ଯୋଜନା ଆୟୋଗ ଯାଞ୍ଚ କରି ବିବେଚିତ କରିବା ପରେ ତାହା କାର୍ଯ୍ୟକାରୀ ହେବା ପାଇଁ ଯୋଗ୍ୟ ହୋଇଥାଏ ।

**ପ୍ରଶ୍ନ ୬୭ କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ମଧ୍ୟରେ ତଫାତ୍ କ'ଣ ?**

**ଉତ୍ତର:** ଯେଉଁ ଯୋଜନାର ସଂପୂର୍ଣ୍ଣ ବ୍ୟୟ କେନ୍ଦ୍ର ସରକାରଙ୍କ ପାଣ୍ଠିରେ ହୁଏ, ତାହା କେନ୍ଦ୍ରୀୟ ଯୋଜନା । ଯେଉଁ ଯୋଜନାରେ କେନ୍ଦ୍ର ସରକାର ସଂପୂର୍ଣ୍ଣ ବା ସର୍ବାଧିକ ଅନୁପାତରେ ପାଣ୍ଠି ଯୋଗାଇ ଥାଆନ୍ତି, ତାହାକୁ କେନ୍ଦ୍ର

ପ୍ରବର୍ତ୍ତିତ ଯୋଜନା କହନ୍ତି। ଏଥିରେ ମୁଖ୍ୟତଃ କେତେକ ସ୍କିମ୍ ଓ କାର୍ଯ୍ୟକ୍ରମ ସାମିଲ ଥାଏ। କେନ୍ଦ୍ର ପ୍ରବର୍ତ୍ତିତ ସ୍କିମ୍‌ଗୁଡ଼ିକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରାଇ ଥାଆନ୍ତି ଏବଂ ଏଥିପାଇଁ ମୋଟ ବ୍ୟୟ ଅଟକଳର ୨୦ରୁ ୩୦ ପ୍ରତିଶତ ରାଜ୍ୟ ସରକାର ବହନ କରିଥାଆନ୍ତି।

**ପ୍ରଶ୍ନ ୬୮** ରାଜ୍ୟ ବଜେଟ୍ ଓ କେନ୍ଦ୍ର ବଜେଟ୍ ମଧ୍ୟରେ ପାର୍ଥକ୍ୟ କ'ଣ ?

**ଉତ୍ତର:** ରାଜ୍ୟ ବଜେଟ୍ କେବଳ ରାଜ୍ୟ ପାଇଁ ଉଦ୍ଦିଷ୍ଟ ଥିବା ବେଳେ କେନ୍ଦ୍ର ବଜେଟ ସାରା ଦେଶ ପାଇଁ। ଅନ୍ୟ ପକ୍ଷରେ କେନ୍ଦ୍ର ତାଲିକାରେ ଥିବା ବିଷୟରେ ରାଜ୍ୟ ବଜେଟ୍‌ରେ କୌଣସି ବରାଦ ନଥାଏ ଏବଂ ରାଜ୍ୟ ତାଲିକାରେ ଥିବା ବିଷୟରେ କେନ୍ଦ୍ର ବଜେଟ୍‌ରେ କୌଣସି ବରାଦ ହୋଇନଥାଏ। ମାତ୍ର ଯୁଗ୍ମ ତାଲିକାରେ ଥିବା ବିଷୟ ଉପରେ ଉଭୟ ବଜେଟ୍‌ରେ ଯୋଜନା ଓ ବ୍ୟୟ ବରାଦ ରହିଥାଏ।

**ପ୍ରଶ୍ନ ୬୯** ରାଜ୍ୟ ଯୋଜନା କ'ଣ "ରାଜ୍ୟ ଯୋଜନା ବୋର୍ଡ଼" କରେ ନାହିଁ ?

**ଉତ୍ତର:** ଆପଣଙ୍କ ଅନୁମାନ ଠିକ୍। ରାଜ୍ୟ ଯୋଜନାକୁ ରାଜ୍ୟ ଯୋଜନା ବୋର୍ଡ଼ କରେ ନାହିଁ। ଏହି ବୋର୍ଡ଼ ମୁଖ୍ୟତଃ ଏକ ଉପଦେଷ୍ଟା ପରିଷଦ ଭଳି କାର୍ଯ୍ୟ କରେ। ବିଭିନ୍ନ ଅଞ୍ଚଳ, ବିଭିନ୍ନ ଦପ୍ତର ଓ ବିଭିନ୍ନ ବିଭାଗକୁ ଅନୁଧ୍ୟାନ କରି ରାଜ୍ୟ ସରକାରଙ୍କୁ କେବଳ କିଛି ସୁପାରିଶ କରିଥାଏ। ଯୋଜନା ପ୍ରଣୟନରେ "ରାଜ୍ୟ ଯୋଜନା ବୋର୍ଡ଼"ର କୌଣସି ଖାସ୍ ଭୂମିକା ନାହିଁ। ଏଇ ଶତାବ୍ଦୀର ପ୍ରଥମ ଦଶନ୍ଧିକୁ ବିଶ୍ଳେଷଣ କଲେ "ରାଜ୍ୟ ଯୋଜନା ବୋର୍ଡ଼" ନାମକୁ ମାତ୍ର ରହିଥିବା କୁହାଯାଇପାରେ।

**ପ୍ରଶ୍ନ ୭୦** ବଜେଟ୍ କିଭଳି କାର୍ଯ୍ୟ କରିଥାଏ ?

**ଉତ୍ତର:** ବଜେଟ୍‌ର କାର୍ଯ୍ୟକାରିତା ପାଇଁ ବଜେଟ୍‌କୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇଥାଏ। ୧) ସାଧାରଣ ସେବା, ୨) ସାମାଜିକ ସେବା, ୩) ଆର୍ଥିକ ସେବା। ଏହି ତିନିଟି ଭାଗରେ ଆୟବ୍ୟୟ ହୋଇଥାଏ।

ପ୍ରଶ୍ନ ୭୧ ସାଧାରଣ ସେବା କ'ଣ ?

ଉତ୍ତର: ସରକାରଙ୍କ ଦୈନନ୍ଦିନ କାର୍ଯ୍ୟ ପାଇଁ ଯେଉଁ ପ୍ରାଶାସନିକ ଖର୍ଚ୍ଚ ଆବଶ୍ୟକ ହୋଇଥାଏ, ତାହାକୁ ସାଧାରଣ ସେବା କୁହାଯାଏ। ଉଦାହରଣ - ନିର୍ବାଚନ ଖର୍ଚ୍ଚ, ପୁଲିସ ସୁରକ୍ଷା ବାବଦ, ସୁଧ ଦେୟ ଓ ଋଣପରିଶୋଧ...

ପ୍ରଶ୍ନ ୭୨ ସାମାଜିକ ସେବା କ'ଣ ?

ଉତ୍ତର: ସରକାର ଯେଉଁ କାର୍ଯ୍ୟଗୁଡ଼ିକ ସାଧାରଣତଃ ନାଗରିକମାନଙ୍କୁ ସର୍ବନିମ୍ନ ସାମାଜିକ ସେବା ଯୋଗାଇ ଦେବା ପାଇଁ କରନ୍ତି, ତାହାକୁ ସାମାଜିକ ସେବା କୁହାଯାଏ। ଉଦାହରଣ- ଶିକ୍ଷା, ସ୍ୱାସ୍ଥ୍ୟ, ଅନୁସୂଚିତ ଜାତି ଜନଜାତି ଓ ମହିଳାମାନଙ୍କର ବିକାଶ, ଜଳଯୋଗାଣ ଓ ପରିମଳ, ସହରାଞ୍ଚଳ ବିକାଶ..।

ପ୍ରଶ୍ନ ୭୩ ଅର୍ଥନୈତିକ ସେବା କ'ଣ ?

ଉତ୍ତର: ସାଧାରଣତଃ ରାଜ୍ୟ ବା ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ରାଜ୍ୟ ଯେଉଁ ବ୍ୟୟ କରେ, ତାହାକୁ ଅର୍ଥନୈତିକ ସେବା କୁହାଯାଏ। ଉଦାହରଣ- ରାସ୍ତା, ପୋଲ, କୃଷି, ଗମନାଗମନ, ଶିଳ୍ପ ବିକାଶ ଇତ୍ୟାଦି।

ପ୍ରଶ୍ନ ୭୪ ରାଜ୍ୟ ବଜେଟ୍‌ରେ ଆୟ ଓ ବ୍ୟୟର ହଜାର ହଜାର କୋଟି ଟଙ୍କାର ଆକଳନ ରହିଥାଏ। ତେବେ ଯେଉଁ ଆୟ ହୁଏ ବା ବ୍ୟୟ ହୁଏ, ତାହା ସଠିକ୍ ରୂପେ ଚାଲିଛି ବୋଲି ଯାଞ୍ଚ କରାଯାଏ କି ?

ଉତ୍ତର: ହଁ, ଯାଞ୍ଚ କରାଯାଏ। ଏହାକୁ ସରକାରୀ ଭାଷାରେ କହନ୍ତି 'ଅଡ଼ିଟ୍'। ବିଭିନ୍ନ ଆୟବ୍ୟୟ ବା ଟଙ୍କା କାରବାରର ଅଡ଼ିଟ୍ କରିବା ପାଇଁ ଭଳିକି ଭଳି ଅଡ଼ିଟ୍ ବ୍ୟବସ୍ଥା ରହିଛି।

**ପ୍ରଶ୍ନ ୭୫ ଅଡ଼ିଟ୍ କ'ଣ ? ଏହା କିପରି ହୁଏ ?**

**ଉତ୍ତର:** ଗୋଟିଏ ବର୍ଷ ପାଇଁ ଆକଳିତ ଆୟବ୍ୟୟଗୁଡ଼ିକ ନିର୍ଧାରିତ ନିୟମାବଳୀରେ ହୋଇଛି କି ନାହିଁ ଏବଂ ଖର୍ଚ୍ଚଗୁଡ଼ିକ ଠିକ୍ ବାବଦରେ ଉଲ୍ଲେଖ ଅଛି କି, ତାହା ଯାଞ୍ଚ କରିବାକୁ କୁହାଯାଉଛି 'ଅଡ଼ିଟ୍'। ଏହି ଅଡ଼ିଟ୍ ମୁଖ୍ୟତଃ ଆର୍ଥିକ ଅଡ଼ିଟ୍‌କୁ ବୁଝାଇଥାଏ।

**ପ୍ରଶ୍ନ ୭୬ ସରକାରୀ ବଜେଟ୍‌ରେ ଆୟବ୍ୟୟର ହିସାବ ପାଇଁ କ'ଣ ବ୍ୟବସ୍ଥା ରହିଛି ?**

**ଉତ୍ତର:** ବଜେଟ୍‌ର ହିସାବ ପାଇଁ ସରକାର ମୁଖ୍ୟତଃ ତିନିଟି ପାଣ୍ଠି କରିଥାଆନ୍ତି। ସେଗୁଡ଼ିକ ହେଉଛି- ୧) ସଂଗୃହିତ ପାଣ୍ଠି, ୨) ଆକସ୍ମିକ ପାଣ୍ଠି, ୩) ସାଧାରଣ ପାଣ୍ଠି । ଆର୍ଥିକ ବର୍ଷ ପାଇଁ ସରକାରଙ୍କ ଆୟବ୍ୟୟର କାରବାର ମୁଖ୍ୟତଃ ଏହି ୩ଟି ପାଣ୍ଠି ମାଧ୍ୟମରେ ହୋଇଥାଏ। ରାଜ୍ୟର ଆୟବ୍ୟୟ ସଂଗୃହିତ ପାଣ୍ଠି ଜରିଆରେ ପରିଚାଳିତ ହୋଇଥାଏ। ଅର୍ଥାତ୍ ରାଜ୍ୟ ବଜେଟ୍ କହିଲେ, ମୁଖ୍ୟତଃ ସଂଗୃହିତ ପାଣ୍ଠିର ଅର୍ଥ କାରବାରକୁ ବୁଝାଏ। ଭାରତୀୟ ସମ୍ବିଧାନର ଧାରା ୨୬୬(୧) ଅନୁସାରେ ସଂଗୃହିତ ପାଣ୍ଠି( କନସୋଲିଡେଟେଡ୍ ଫଣ୍ଡ)ର ହିସାବକିତାବ ହୋଇଥାଏ। ଦୈବଦୁର୍ବିପାକ ବେଳେ ସହାୟତା ପାଇଁ 'ଆକସ୍ମିକ ପାଣ୍ଠି' କାର୍ଯ୍ୟ କରେ। ସମ୍ବିଧାନର ଧାରା ୨୬୭(୨)ରେ ଏଥିପାଇଁ ପ୍ରାବଧାନ ରହିଛି। ଆଉ ସାଧାରଣ ପାଣ୍ଠି (ପବ୍ଲିକ୍ ଆକାଉଣ୍ଟ)ରେ କେବଳ ସର୍ବସାଧାରଣଙ୍କ ବିଭିନ୍ନ ଭବିଷ୍ୟନିଧି ସଞ୍ଚୟ ଓ କ୍ଷୁଦ୍ରସଂଚୟ ଜନିତ ଅର୍ଥରାଶି ଗଚ୍ଛିତ ରହେ। ସମ୍ବିଧାନର ଧାରା ୨୬୬(୨) ଅନୁସାରେ ସର୍ବସାଧାରଣଙ୍କ ମୁଦ୍ରାଗୁଡ଼ିକୁ ଏହି ପାଣ୍ଠିରେ ସୁରକ୍ଷା ଦିଆଯାଏ।

**ପ୍ରଶ୍ନ ୭୭ ସଂଗୃହିତ ପାଣ୍ଠି କ'ଣ ?**

**ଉତ୍ତର:** ଭାରତୀୟ ସମ୍ବିଧାନର ଧାରା ୨୬୬(୧) ଅନୁଯାୟୀ ପ୍ରତି ରାଜ୍ୟ ପାଇଁ ସଂଗୃହିତ ପାଣ୍ଠିର ବ୍ୟବସ୍ଥା ରହିଛି। ଏହି ପାଣ୍ଠିରୁ ଅର୍ଥ ଆୟ ଓ ବ୍ୟୟ ହୋଇ ପାରିବ। ଅର୍ଥ ଆୟ ମଧ୍ୟରେ ସରକାରଙ୍କ ସମସ୍ତ ରାଜସ୍ୱ ଆଦାୟ

ରହିଛି । ଆଇନ ଅନୁଯାୟୀ କୋଷାଗାରର ଅନୁମୋଦନ କ୍ରମେ ଋଣପତ୍ର ଦ୍ୱାରା ସଂଗୃହୀତ ଋଣ, ଋଣ ପରିଶୋଧରୁ ମିଳୁଥିବା ଅର୍ଥ ଏବଂ କେନ୍ଦ୍ରରୁ ମିଳୁଥିବା ଅନୁଦାନ ଏହି ପାଣ୍ଠିର ଅନ୍ତର୍ଗତ । ଏହି ପାଣ୍ଠିରୁ ଅର୍ଥ ଉଠେଇବା ପାଇଁ ସଂସଦ ଅନୁମୋଦନ କରିବା ଜରୁରୀ ।

**ପ୍ରଶ୍ନ ୭୮ ଆକସ୍ମିକ ପାଣ୍ଠି କ'ଣ ?**

ଉତ୍ତର: ଭାରତୀୟ ସମ୍ବିଧାନର ଧାରା ୨୬୭(୨) ଅନୁଯାୟୀ ଓଡ଼ିଶା ସରକାର ରାଜ୍ୟର ଜରୁରୀ ଆବଶ୍ୟକତା ପାଇଁ ଆକସ୍ମିକ ପାଣ୍ଠି ଗଠନ କରିଛନ୍ତି । ଏଥିରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଥାଏ । କୌଣସି ଜରୁରୀ ପରିସ୍ଥିତିରେ କେବଳ ରାଜ୍ୟପାଳଙ୍କ ଅନୁମୋଦନରେ ଏହି ପାଣ୍ଠିରୁ ଖର୍ଚ୍ଚ କରାଯାଏ ।

**ପ୍ରଶ୍ନ ୭୯ ସର୍ବସାଧାରଣ ପାଣ୍ଠି (ପବ୍ଲିକ୍ ଆକାଉଣ୍ଟ୍) କ'ଣ ?**

ଉତ୍ତର: ସମ୍ବିଧାନର ଧାରା-୨୬୬(୨) ଅନୁଯାୟୀ କେନ୍ଦ୍ର/ ରାଜ୍ୟ ସରକାର ସାଧାରଣ ପାଣ୍ଠି ଗଢ଼ିଛନ୍ତି । କିନ୍ତୁ ଏହି ପାଣ୍ଠିରେ ଥିବା ଅର୍ଥ ସରକାରଙ୍କର ନିଜସ୍ୱ ନୁହେଁ । ଏହା ଭବିଷ୍ୟ ନିଧି ଜମା, ସ୍ୱଳ୍ପ ସଂଚୟ ଓ ଅନ୍ୟ ଜମାରାଶିରୁ ସଂଗୃହିତ ହୋଇଥାଏ । ଏହି ଅର୍ଥ ରାଶିର ମାଲିକ ଜନସାଧାରଣ ହୋଇଥିଲେ ମଧ୍ୟ ଉନ୍ନୟନ ନିମନ୍ତେ ଅର୍ଥ ବ୍ୟୟ କରିବା ପାଇଁ ସରକାର କ୍ଷମତା ପାଇଥାଆନ୍ତି । ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ନେବାକୁ ଚାହିଁଲେ, ସରକାର ସୁଧ ଓ ମୂଳଧନ ସହିତ ତାହାକୁ ଫେରସ୍ତ କରିବାକୁ ବାଧ୍ୟ ଅଟନ୍ତି ।

**ପ୍ରଶ୍ନ ୮୦ ସରକାର ଯେଉଁ ସବୁ ଋଣ ଛାଡ଼ କରନ୍ତି, ସେଥିପାଇଁ ଲୋଡ଼ା ହେଉଥିବା ଧନ କେଉଁ ପାଣ୍ଠି ବା ବାବଦରୁ ଭରଣା ହୁଏ ?**

ଉତ୍ତର: ସଂଗୃହିତ ପାଣ୍ଠି (କନସୋଲିଡେଟେଡ ଫଣ୍ଡ)ରୁ ହିଁ ଭରଣା କରନ୍ତି ।

**ପ୍ରଶ୍ନ ୮୧ ସରକାର ଯେଉଁ ସବୁ ଋଣ କରନ୍ତି, ତାହାର ପରିଶୋଧ ବେଳେ ସୁଧ ଦିଅନ୍ତି କି ?**

ଉତ୍ତର: ହଁ ସୁଧ ଦିଅନ୍ତି ।

ପ୍ରଶ୍ନ ୮୨ ପ୍ରାକୃତିକ ଦୁର୍ବିପାକ ବେଳେ ରିଲିଫ୍ ଉଦ୍ଦେଶ୍ୟରେ ଅଥବା ଦୁର୍ବିପାକ କ୍ଷତିପୂରଣ ଉଦ୍ଦେଶ୍ୟରେ ଯେଉଁ ଅନୁଦାନ ଆସେ ବା ଦାନରାଶି ମିଳେ, ତାହା କେଉଁ ପାଣ୍ଠି ବା ବାବଦରେ ସାମିଲ ହୁଏ ?

ଉତ୍ତର: ରିଲିଫ୍ ଉଦ୍ଦେଶ୍ୟରେ ଆସୁଥିବା ଧନରାଶି, ରାଜ୍ୟ ବଜେଟ୍‌ରେ ସାମିଲ ନଥାଏ ।

ପ୍ରଶ୍ନ ୮୩ ରାଜସ୍ୱ ବଜେଟ୍ ଓ ପୁଞ୍ଜି ବଜେଟ୍ ମଧ୍ୟରେ ପାର୍ଥକ୍ୟ କ'ଣ ?

ଉତ୍ତର: ରାଜ୍ୟ ସରକାରଙ୍କ ରାଜସ୍ୱ ଆୟ ଓ ରାଜସ୍ୱ ବ୍ୟୟ ତାଲିକାକୁ କହନ୍ତି ରାଜସ୍ୱ ବଜେଟ୍ । ସରକାର ଭବିଷ୍ୟତ ପାଇଁ ନିୟମିତ ଆୟକାରୀ ସମ୍ପତ୍ତି ସୃଷ୍ଟି କରିଥାଆନ୍ତି । ଏହାର ମୂଳ ଉଦ୍ଦେଶ୍ୟ ହେଉଛି, ସ୍ଥାବର ସମ୍ପତ୍ତି ସୃଷ୍ଟି କରି ଆୟ ବଢ଼ାଇବା । ଏହା ପାଇଁ ହେଉଥିବା ବ୍ୟୟ ହେଉଛି ପୁଞ୍ଜି ବ୍ୟୟ ଏବଂ ତହିଁରୁ ମିଳୁଥିବା ଆୟ ହେଉଛି ପୁଞ୍ଜି ଆୟ ।

ପ୍ରଶ୍ନ ୮୪ ବଜେଟ୍‌କୁ କିଏ ଅଡ଼ିଟ୍ କରନ୍ତି ?

ଉତ୍ତର: ରାଜ୍ୟ ମହାଲେଖା ନିୟନ୍ତ୍ରକ ବା ମହାସମୀକ୍ଷକ(ଏଜି) ରାଜ୍ୟ ସରକାରଙ୍କ ଆୟବ୍ୟୟ ତାଲିକା ବା ବଜେଟ୍‌କୁ ଅଡ଼ିଟ୍ କରନ୍ତି ।

ପ୍ରଶ୍ନ ୮୫ ଅଡ଼ିଟରମାନେ ସରକାରୀ ଚାକିରିଆ କି ?

ଉତ୍ତର: ହଁ, ଅଡ଼ିଟରମାନେ ସରକାରୀ ଚାକିରିଆ । କିନ୍ତୁ ମହାସମୀକ୍ଷକଙ୍କ କାର୍ଯ୍ୟାଳୟ ଏକ ସଂପୂର୍ଣ ସ୍ୱୟଂଶାସିତ ସଂସ୍ଥା । ଯାହା ଉପରେ ରାଜ୍ୟ ବିଧାନସଭା ବା ଅମଲାତନ୍ତ୍ରର ନିୟନ୍ତ୍ରଣ ନଥାଏ ।

ପ୍ରଶ୍ନ ୮୬ ଅଡ଼ିଟ୍ ସମୟରେ ଯଦି ହିସାବକିତାବରେ କିଛି ତ୍ରୁଟି ଦେଖାଦିଏ, ତାହାର ଜବାବ କିଏ ଦିଅନ୍ତି ?

ଉତ୍ତର: ଅଡ଼ିଟ୍ ରିପୋଟରେ ଯେଉଁ ଯେଉଁ ବିଭାଗର ହିସାବକିତାବ ଭୁଲ ଦର୍ଶାଯାଇଥାଏ, ତାହା ପବ୍ଲିକ୍ ଆକାଉଣ୍ଟସ କମିଟି ଜରିଆରେ ସଂପୃକ୍ତ ବିଭାଗରୁ ଜବାବ ସୁଆଲ କରାଯାଏ । ମହାସମୀକ୍ଷକ(ଏଜି)ଙ୍କ ଦପ୍ତର ଓ

ରାଜ୍ୟ ଶାସନକଳ ମଧ୍ୟରେ ପବ୍ଲିକ୍ ଆକାଉଣ୍ଟ୍ସ କମିଟି ହିଁ ଯୋଗସୂତ୍ର ରକ୍ଷକ ଭାବେ କାର୍ଯ୍ୟ କରିଥାଆନ୍ତି ।

**ପ୍ରଶ୍ନ ୮୭ ଯଦି ବଜେଟ୍ କାର୍ଯ୍ୟକାରିତାରେ କିଛି ବ୍ୟତିକ୍ରମ ହୋଇଛି ବୋଲି ଅଡ଼ିଟ୍‌ରେ ଜଣା ପଡ଼େ, ତେବେ କାର୍ଯ୍ୟାନୁଷ୍ଠାନ ହୁଏ କି ନାହିଁ ?**

**ଉତ୍ତର:** ହଁ, ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହୁଏ ।

**ପ୍ରଶ୍ନ ୮୮ ବଜେଟ୍ ପ୍ରସ୍ତୁତିର ପ୍ରଣାଳୀ ଉପରେ କ'ଣ କିଛି ମାର୍ଗଦର୍ଶିକା ପୁସ୍ତକ ଅଛି ?**

**ଉତ୍ତର:** ହଁ ଅଛି । ମୌଳିକ ଭାବରେ କେବଳ ଇଂଲିଶ୍ ଭାଷାରେ ଲିଖିତ ଏହି ପୁସ୍ତକର ନାମ, "ଓଡ଼ିଶା ବଜେଟ୍ ମାନୁଆଲ" । ୧୯୪୦ ମସିହାରେ ପ୍ରଥମେ ଏହା ପ୍ରକାଶ ପାଇଥିଲା । ପରେ କେବଳ ୧୯୬୩ ମସିହାରେ ଏହାର ସଂଶୋଧିତ ସଂସ୍କରଣ ପ୍ରକାଶ ପାଇ ସେହି ଅନୁସାରେ କାର୍ଯ୍ୟ ଚାଲିଛି । ଅର୍ଥାତ୍ ତହିଁରେ ବର୍ଣ୍ଣିତ ପ୍ରଣାଳୀରେ ବଜେଟ୍ ପ୍ରସ୍ତୁତ ହେଉଛି ।

**ପ୍ରଶ୍ନ ୮୯ ବଜେଟ୍ ବିଷୟରେ ସାଧାରଣ ଲୋକେ ଜାଣିବା ପାଇଁ ସରକାର କି ପଦକ୍ଷେପ ନେଇଥାଆନ୍ତି ?**

**ଉତ୍ତର:** ବଜେଟ୍‌କୁ ପୁସ୍ତକ ଆକାରେ ପ୍ରକାଶିତ କରିଥାଆନ୍ତି ଏବଂ ବିଧାନସଭାର ବଜେଟ୍ ଅଧିବେଶନ ବେଳେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସରକାର ବଜେଟ୍ ସଂକ୍ରାନ୍ତ ପୁସ୍ତିକାଗୁଡ଼ିକୁ ବିତରଣ କରିଥାଆନ୍ତି । ତେବେ ଗଣମାଧ୍ୟମରେ ପ୍ରକାଶିତ ଓ ପ୍ରଚାରିତ ରିପୋଟରୁ ଜନସାଧାରଣ ପରୋକ୍ଷରେ ଜାଣିବାର ସୁଯୋଗ ପାଇଥାଆନ୍ତି । ନାଗରିକମାନେ ପ୍ରତ୍ୟକ୍ଷ ଭାବେ ଜାଣିବା ପାଇଁ ସରକାରଙ୍କ ତରଫରୁ କୌଣସି ବ୍ୟବସ୍ଥା ନାହିଁ ।

**ପ୍ରଶ୍ନ ୯୦ ଦାରିଦ୍ର୍ୟ ସୀମାରେଖା ତଳେ ଥିବା (ବିପିଏଲ) ପରିବାରମାନେ ଟିକସ ଦିଅନ୍ତି କି ?**

**ଉତ୍ତର:** ହଁ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ବା ବିପିଏଲ୍ ପରିବାରମାନେ ମଧ୍ୟ ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷରେ ହେଉ ଟିକସ ଦେଇଥାଆନ୍ତି । କିନ୍ତୁ କେତେକ କ୍ଷେତ୍ରରେ ତାଙ୍କୁ ଟିକସ ଛାଡ଼ କରାଯାଇଥାଏ ।

**ପ୍ରଶ୍ନ ୯୧** ଆଗାମୀ ବର୍ଷର ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ଚଳିତ ବର୍ଷ ଅଗଷ୍ଟ ମାସରୁ ଆରମ୍ଭ ହୁଏ କାହିଁକି ?

**ଉତ୍ତର:** ଏତେ ଗୁଡ଼ିଏ ବିଭାଗ ସହିତ ବ୍ୟାପକ ସଂଖ୍ୟାରେ ଡିଡିଓ ରହିଥିବାରୁ ସମସ୍ତଙ୍କର ଆୟବ୍ୟୟ ଚିଠାଗୁଡ଼ିକୁ ସଂକଳନ କରି ଫେବ୍ରୁଆରି ମାସ ସୁଦ୍ଧା ବାର୍ଷିକ ବଜେଟ୍ ଚିଠା ଚୂଡ଼ାନ୍ତ କରିବାକୁ ନୀତିଗତ ଭାବେ ଅଗଷ୍ଟ ମାସକୁ ପ୍ରକ୍ରିୟାର ଆରମ୍ଭ ମାସ ରୂପେ ଗ୍ରହଣ କରାଯାଇଛି ।

**ପ୍ରଶ୍ନ ୯୨** ବଜେଟ୍‌ର କେଉଁ 'ବାବଦ'ରେ "ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି" ଅନ୍ତର୍ଭୁକ୍ତ ?

**ଉତ୍ତର:** ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ବଜେଟ୍‌ରେ ଅନ୍ତର୍ଭୁକ୍ତ ଅଟେ । ଏଥିରେ ବିଭିନ୍ନ ସଂଗଠନ ଓ ସର୍ବସାଧାରଣଙ୍କ ଦାନରାଶି ଗଚ୍ଛିତ ରହିଥାଏ । ସାଧାରଣ ପ୍ରଶାସନ ବିଭାଗର ଏକ ବାବଦରେ ଏହି ପାଣ୍ଠିକୁ ଅର୍ଥ ସହାୟତା ମିଳିଥାଏ । ରାଜ୍ୟ ବଜେଟ୍‌ରେ ଏହି ପାଣ୍ଠି ରହିଛି 'ସବିଶେଷ ବାବଦ'(ଡିଟେଲଡ ହେଡ୍) ୧୨୭ରେ ।

**ପ୍ରଶ୍ନ ୯୩** "ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି" ବ୍ୟତୀତ ଜିଲ୍ଲା ସ୍ତରରେ କୌଣସି ପାଣ୍ଠି ଅଛି କି, ଯେଉଁଥିରୁ ଜଣେ ବ୍ୟକ୍ତି ଦୁର୍ଘଟଣା, ପ୍ରାକୃତିକ ବିପତ୍ତି, ଅସାଧ୍ୟ ରୋଗ ବା ଅନାହାରରେ ପୀଡ଼ିତ ହେଲେ ସାହାଯ୍ୟ ପାଇପାରିବେ ?

**ଉତ୍ତର:** ହଁ ଅଛି । ଜିଲ୍ଲାପାଳଙ୍କ କ୍ଷମତାଧୀନ ପାଣ୍ଠି କେବଳ ତୁରନ୍ତ ସହାୟତା ପାଇଁ ରହିଛି । ଅଂଶୁଘାତ ଓ ବଜ୍ରଘାତ ଜନିତ ମୃତ୍ୟୁ ଘଟିଥିବା ସଦସ୍ୟଙ୍କ ପରିବାରକୁ ସାମୟିକ ସହାୟତା ଦେବାରେ ଏହି ପାଣ୍ଠି ବ୍ୟବହୃତ ହୋଇଥାଏ । ଅନାହାରରେ ସଢୁଥିବା ବ୍ୟକ୍ତି ବା ପରିବାର ପାଇଁ ମଧ୍ୟ ଜିଲ୍ଲାପାଳ ତୁରନ୍ତ ଅନୁକମ୍ପା ସହାୟତା ଦେଇଥାଆନ୍ତି ।

**ପ୍ରଶ୍ନ ୯୪ ରାଜ୍ୟ ବଜେଟ୍ ବିଧାନସଭାରେ ଗୃହିତ ହେବା ପରେ ତହିଁର ଆୟବ୍ୟୟ ଉପରେ ବିଧାନସଭାର କୌଣସି ନିୟନ୍ତ୍ରଣ ଥାଏ କି ?**

**ଉତ୍ତର:** ହଁ ନିୟନ୍ତ୍ରଣ ଥାଏ। ଏଥିପାଇଁ ୧୨ ଜଣ ବିଧାୟକଙ୍କୁ ନେଇ "ପବ୍ଲିକ୍ ଆକାଉଣ୍ଟ୍ସ କମିଟି" ଗଠନ ହୋଇଥାଏ। ପ୍ରତିବର୍ଷ ବିଧାନସଭାରେ ଏହି କମିଟିକୁ ୧୨ ଜଣ ବିଧାୟକ(ଏମ୍.ଏଲ୍.ଏ) ନିର୍ବାଚିତ ହୋଇଥାଆନ୍ତି। କୌଣସି ମନ୍ତ୍ରୀ ଏହି କମିଟିକୁ ନିର୍ବାଚିତ ହୋଇପାରିବେ ନାହିଁ। ଯଦି ଏହି କମିଟିର କୌଣସି ସଦସ୍ୟ ମନ୍ତ୍ରୀ ହୁଅନ୍ତି, ତେବେ ମନ୍ତ୍ରୀ ରୂପେ ଶପଥ ନେବା ତାରିଖରେ ହିଁ ତାଙ୍କର ସଦସ୍ୟତା ଏହି କମିଟିରୁ ଆପେଆପେ କଟିଯାଏ।

**ପ୍ରଶ୍ନ ୯୫ ପବ୍ଲିକ୍ ଆକାଉଣ୍ଟ୍ସ କମିଟିର କାର୍ଯ୍ୟଗୁଡ଼ିକ କ'ଣ ?**

**ଉତ୍ତର:** ରାଜ୍ୟର ବିତ୍ତୀୟ କାରବାର କ୍ଷେତ୍ରରେ ବିଧାନସଭାର "ପବ୍ଲିକ୍ ଆକାଉଣ୍ଟ୍ସ କମିଟି"(ପି.ଏ.ସି.)ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଏହି କମିଟି ବେଶ୍ କ୍ଷମତାଶାଳୀ। ଏହାର କାର୍ଯ୍ୟଗୁଡ଼ିକ ନିମ୍ନମତେ –

୧. ସରକାରଙ୍କ ବ୍ୟୟ ମଂଜୁରୀ ପାଇଁ ବିଧାନସଭାରେ ଉପସ୍ଥାପିତ ହେଉଥିବା ସମସ୍ତ ବିଧେୟକ(ବିଲ୍)କୁ ଏହି କମିଟି ପରଖିଥାଏ। ବିଧାନସଭା ପର୍ଯ୍ୟନ୍ତ ଆସୁଥିବା ରାଜ୍ୟସରକାରଙ୍କର ବାର୍ଷିକ ବିତ୍ତୀୟ ଆକାଉଣ୍ଟ୍ସକୁ ମଧ୍ୟ ଇଚ୍ଛାମତେ ଏହି କମିଟି ଯାଞ୍ଚ କରିଥାଏ।

୨. ବ୍ୟୟ ମଂଜୁରୀ ହିସାବଗୁଡ଼ିକୁ ଯାଞ୍ଚ କରି ମହାସମୀକ୍ଷକ (ଅଡ଼ିଟର ଜେନେରାଲ)ଙ୍କୁ ଏହି କମିଟି ରିପୋଟ ଦେଇଥାଏ; ଏବଂ ଯାଞ୍ଚ କରିଥାଏ ଯେ ହିସାବ ଫର୍ଦରେ ଦର୍ଶାଯାଇଥିବା ଟଙ୍କା ପ୍ରଦାନଗୁଡ଼ିକ ଆଇନଗତ ମାର୍ଗରେ ହୋଇଛି, ଉପଯୁକ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି। ଉଚିତ କର୍ତ୍ତୃପକ୍ଷ ହିଁ ସଂପୃକ୍ତ ବ୍ୟୟଗୁଡ଼ିକୁ କରିଛନ୍ତି। ସୁନିଶ୍ଚିତ କରନ୍ତି ଯେ ସାନି ବ୍ୟୟମଂଜୁରୀ ପାଇଁ ଆସୁଥିବା ସମସ୍ତ ବ୍ୟୟ ଉପଯୁକ୍ତ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ପ୍ରଣୀତ ନିୟମ ଅନୁସାରେ ହୋଇଛି।

୩. ରାଜ୍ୟର ନିଗମଗୁଡ଼ିକର, ବାଣିଜ୍ୟିକ ଓ ଉତ୍ପାଦନକାରୀ ସ୍କିମ୍ ତଥା ପ୍ରକଳ୍ପଗୁଡ଼ିକର ଆୟବ୍ୟୟ ବିବୃତିଗୁଡ଼ିକୁ ପରଖିବେ। ଏହା ସହିତ ବାଲାନ୍ସ ସିଟ୍ ଓ ଲାଭକ୍ଷତି ବିବୃତିଗୁଡ଼ିକୁ ପରଖିବେ।

୪. କୌଣସି ପ୍ରାପ୍ତି ବା ଷ୍ଟୋର ଓ ଷ୍ଟକ୍ ଆକାଉଣ୍ଟ୍‌କୁ ଅଡ଼ିଟ୍ କରିବା ପାଇଁ ଯଦି ମହାସମୀକ୍ଷକ(ଏଜି)ଙ୍କୁ ରାଜ୍ୟପାଳ ଦାୟିତ୍ୱ ଦେଇଥିବେ, ତେବେ ସେହି ରିପୋଟକୁ ମଧ୍ୟ ଏହି କମିଟି ବିଚାରକୁ ନେଇ ପାରିବ।

୫. ବିଧାନସଭାରେ ଗୃହିତ ବ୍ୟୟ ମଂଜୁରୀ ଠାରୁ ଯଦି କୌଣସି ଆର୍ଥିକ ବର୍ଷରେ ମାତ୍ରାଧିକ ବ୍ୟୟ ହୋଇଥାଏ, ତେବେ ହୋଇଥିବା ପ୍ରତ୍ୟେକ ବ୍ୟୟର ଅଭିପ୍ରାୟର ସତ୍ୟତା ଯାଞ୍ଚ କରି ରିପୋର୍ଟ ଦେବ।

**ପ୍ରଶ୍ନ ୯୬ "ବିଧାନସଭା ଷ୍ଟାଣ୍ଡିଙ୍ଗ୍ କମିଟି" ଯାହା "ପବ୍ଲିକ୍ ଆକାଉଣ୍ଟ୍‌ସ କମିଟି" ତାହା କି ? ଯଦି ଅଲଗା, ତେବେ ସେହି କମିଟିର କାମ କ'ଣ ?**

**ଉତ୍ତର:** ପବ୍ଲିକ୍ ଆକାଉଣ୍ଟ୍‌ସ କମିଟି ଠାରୁ ବିଧାନସଭା ଷ୍ଟାଣ୍ଡିଙ୍ଗ୍ କମିଟି ଗୋଟାପଣେ ଭିନ୍ନ। ଏକାଧିକ କାର୍ଯ୍ୟ ବିଭାଗ ପାଇଁ ଭିନ୍ନ ଭିନ୍ନ ଷ୍ଟାଣ୍ଡିଙ୍ଗ୍ କମିଟି ରହିଛି। ବଜେଟ୍ ଉପସ୍ଥାପନର ୧୫ ଦିନ ମଧ୍ୟରେ ବିଭିନ୍ନ ମଂଜୁରୀ ଦାବିଗୁଡ଼ିକୁ ଏହି କମିଟି ପୁଂଖାନୁପୁଂଖ ଭାବେ ପରୀକ୍ଷା କରିବା ପରେ ସରକାରଙ୍କୁ ପରାମର୍ଶ ଦେଇଥାଏ।

**ପ୍ରଶ୍ନ ୯୭ ବିଧାନସଭାରେ ଏଭଳି ଆଉ କ'ଣ କମିଟି ରହିଛି, ଯାହାର ବଜେଟ ପ୍ରସ୍ତୁତି ସହ ସଂପର୍କ ରହିଛି ?**

**ଉତ୍ତର:** ହଁ ଆଉ ଏକ କମିଟି ରହିଛି, ଯାହାର ନାମ "ଏଷ୍ଟିମେଟ୍‌ସ୍ କମିଟି"। ଏହାର ଗଠନ ପ୍ରକ୍ରିୟା ମଧ୍ୟ ପବ୍ଲିକ୍ ଆକାଉଣ୍ଟ୍‌ସ କମିଟି ଭଳି। ଏହାର ସଦସ୍ୟ ସଂଖ୍ୟା ୧୨। ଏହି କମିଟିର ମୁଖ୍ୟ ଭୂମିକା ହେଉଛି-

୧. ପ୍ରଚଳିତ ନୀତି ଅନୁସାରେ ପ୍ରସ୍ତୁତ ଆକଳନ ଦ୍ୱାରା ପ୍ରଶାସନର ସାଂଗଠନିକ ଦକ୍ଷତା ବଢ଼ିବ କି, ମିତବ୍ୟୟିତା ଅବଲମ୍ବନ କରାଯାଉଛି କି – ଏସବୁର ଅନୁଧ୍ୟାନ କରିବା ସହ ପ୍ରାଶାସନିକ ସଂସ୍କାରର ଆବଶ୍ୟକତା ଉପରେ ରିପୋଟ କରିଥାଏ ।

୨. ପ୍ରଶାସନରେ ଦକ୍ଷତା ବୃଦ୍ଧି ଓ ମିତବ୍ୟୟିତା ପାଇଁ ବିକଳ୍ପ ନୀତି ଗ୍ରହଣ ପାଇଁ ପରାମର୍ଶ ଦେଇଥାଏ ।

୩. ଆକଳନ ଗ୍ରହଣ କରିଥିବା ନୀତି ଆଧାରରେ ବିଭିନ୍ନ ବାବଦରେ ଟଙ୍କା ପକାଯାଇଛି କି ନାହିଁ, ତାହାର ପରୀକ୍ଷା କରିଥାଏ ।

୪. ବିଧାନସଭାରେ ଆକଳନଗୁଡ଼ିକ କିଭଳି ରୂପରେ ଉପସ୍ଥାପିତ ହେବ, ସେହି ସଂକ୍ରାନ୍ତରେ ପ୍ରସ୍ତାବ ଦେଇଥାଏ ।

**ପ୍ରଶ୍ନ ୯୮ 'ବାର୍ଷିକ ଆର୍ଥିକ ବିବୃତି' କ'ଣ ?**

**ଉତ୍ତର:** ପ୍ରକାରାନ୍ତରେ ଏହା ହିଁ ରାଜ୍ୟ ପାଇଁ ବାର୍ଷିକ ବଜେଟ୍ । ତେବେ ଏଥିରେ ରାଜ୍ୟ ସରକାରଙ୍କର ବିଗତ ବର୍ଷର, ଚଳିତ ବର୍ଷର ଓ ଆଗାମୀ ବର୍ଷର ସମସ୍ତ କାରବାରର ଉଲ୍ଲେଖ ଥାଏ । ମୁଖ୍ୟ ବାବଦ(ମେଜର ହେଡ୍)ଗୁଡ଼ିକର ମୋଟ ବ୍ୟୟର ନିଟ୍ ପରିମାଣର ପ୍ରକୃତ ସଂଖ୍ୟା ଏହି ବିବୃତିରେ ସ୍ଥାନ ପାଇଥାଏ । ସଂଗୃହିତ ପାଣ୍ଠି ଓ ପବ୍ଲିକ୍ ଆକାଉଣ୍ଟ୍ସ (ସର୍ବସାଧାରଣ ପାଣ୍ଠି)ର ପ୍ରାପ୍ତି ଓ ବ୍ୟୟର ବିସ୍ତୃତ ବିବୃତି ଏଥିରେ ସାମିଲ ଥାଏ । ଏହି ବିବୃତି ହେଉଛି ଏକ ବଜେଟ ଦଲିଲ୍ । ଏଥିରେ ପରବର୍ତ୍ତୀ ବର୍ଷର ବଜେଟ୍ ଆକଳନ ସ୍ଥାନ ପାଇଥାଏ ।

ପ୍ରଶ୍ନ ୯୯ ବିଭିନ୍ନ ପ୍ରଶ୍ନର ଉତ୍ତରରୁ ଜାଣିଲୁ ଯେ ଅମଲାତନ୍ତ୍ରୀମାନେ ହିଁ ରାଜ୍ୟ ବଜେଟ୍ ତିଆରି କରୁଛନ୍ତି । ତେବେ ଏହା ଦ୍ୱାରା ଜନସାଧାରଣଙ୍କର ଫାୟଦା ହେଉଛି କି ?

ଉତ୍ତର: 'ଡିଡିଓ'ମାନେ ଯେମିତି ଚିଠା ପ୍ରସ୍ତୁତ କରନ୍ତି, ତାହାର ବିଶେଷ କାଣ୍ଟଛାଣ୍ଟ ହୋଇନଥାଏ; ଏପରିକି ନିର୍ବାଚିତ ଲୋକପ୍ରତିନିଧି (ବିଧାୟକ) ମାନେ ବିଧାନସଭାରେ କିଛି ପ୍ରଶ୍ନ ପଚାରିବା ବ୍ୟତୀତ ବାର୍ଷିକ ବଜେଟ୍‌କୁ ଅଦଳବଦଳ କରି ପାରି ନଥାଆନ୍ତି । ଫଳରେ ଅମଲାତନ୍ତ୍ରୀମାନେ ସାମିଲ କରିଥିବା ବିଭିନ୍ନ ଖର୍ଚ୍ଚ ଅଟକଳ ମଂଜୁରୀ ପାଏ । କିନ୍ତୁ ଯଦି ବଜେଟର ପ୍ରସ୍ତୁତି ଧାରାକୁ ଜନସାଧାରଣଙ୍କ ଭାଗିଦାରୀ ମାଧ୍ୟମରେ ପ୍ରସ୍ତୁତ କରାଯିବ ତାହା ଜନସାଧାରଣଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିବ ।

ପ୍ରଶ୍ନ ୧୦୦ ଯୋଜନା ବ୍ୟୟ ଠାରୁ ଅଣଯୋଜନା ବ୍ୟୟ ସବୁ ବଜେଟ୍‌ରେ ବେଶି କି ?

ଉତ୍ତର: ହଁ ।






ଓଡ଼ିଶା ବଜେଟ୍ ଏଣ୍ଡ ଆକାଉଣ୍ଟେବିଲିଟି ସେଣ୍ଟର (ଓ.ବି.ଏ.ସି.)

ଇ-୧, ଇନ୍‌ଷ୍ଟିଚ୍ୟୁସ୍‌ନାଲ ଏରିଆ, ଗଙ୍ଗାଧର ମେହେର ମାର୍ଗ

ଭୁବନେଶ୍ୱର - ୭୫୧୦୧୩, ଓଡ଼ିଶା, ଭାରତ

ଟେଲିଫୋନ୍: ୦୬୭୪-୨୩୦୧୭୨୫ / ୨୩୦୦୭୭୪

ଫାକ୍ସ: ୦୬୭୪-୨୩୦୧୨୨୬, ଇ.ମେଲ୍: cysdbbsr@sancharnet.in